# କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଭୂମିପୂଜା



କିଶୋରନଗର,୧୩।୩(ସମିସ): କିଶୋରନଗର ବ୍ଲକ ହିମିତିରା ପଞ୍ଚାୟତ ଘୋଷର ଗ୍ରାମରେ ନୂତନ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଶୁକ୍ରବାର ଭୂମିପୂଜା ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ସୁମିତ୍ରା ସେଠୀ, ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁ, ଯୋଗୀନ୍ଦ୍ର ରାଉଳ, ହୃଦାନନ୍ଦ ପ୍ରଧାନ, ଗଗନବିହାରୀ ସାହୁ, ପରକ୍ଷିତ ସାହୁ, ବିଜୟ ସାହୁ, ଆଦିତ୍ୟ ସାହୁ, ଅରୁଣ ସାହୁ, ବବ୍ରୁବାହାନ ସେଠୀ, ଦିଲୀପ ପ୍ରଧାନ, ସାମ୍ବାଦିକ ସଞ୍ଜୟ ଦାଶଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ପୁରୋହିତ ରବିନାରାୟଣ ଶତପଥୀ ପୂଜାର୍ଚ୍ଚନା କରିଥିଲେ। କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ପଞ୍ଚାୟତ ଉନ୍ନୟନ ପାଣ୍ଠିରୁ ପ୍ରଥମ ପର୍ଯ୍ୟାୟରେ ୧୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି।

# ସାଇବର ଅପରାଧ ତଦନ୍ତ ସମ୍ପର୍କିତ ତାଲିମ




ଅନୁଗୋଳ,୧୩।୩(ସମିସ): ଅନୁଗୋଳ ଜିଲ୍ଲା ପୁଲିସ ପକ୍ଷରୁ ଜିଲ୍ଲାର ସମସ୍ତ ଅଧିକାରୀଙ୍କ ପାଇଁ ସାଇବର ଅପରାଧ ତଦନ୍ତ ଉପରେ ୨ ଦିନିଆ ସ୍ୱତନ୍ତ୍ର ତାଲିମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମ ସାଇବର ସୁରକ୍ଷା ବିଶେଷଜ୍ଞ ମୁକେଶ ଚୌଧୁରୀଙ୍କ ନେତୃତ୍ୱରେ ଚାଲିଛି। ଯେଉଁଥିରେ ସୋସିଆଲ ମିଡିଆ ତଦନ୍ତ, ଇଲେକ୍ଟ୍ରୋନିକ୍ ପ୍ରମାଣ, ଆଇପିଡିଆର୍ ବିଶ୍ଳେଷଣ, ଆର୍ଥିକ ସାଇବର ଠକେଇ ଏବଂ କ୍ରିପ୍ଟୋ କରେନ୍ସି ଅପରାଧ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। କନଷ୍ଟେବଲଙ୍କଠାରୁ ଅତିରିକ୍ତ ଏସ୍‌ପିଙ୍କ ପର୍ଯ୍ୟନ୍ତ ପ୍ରାୟ ୧୦୦ ପୁଲିସ କର୍ମଚାରୀ ଏଥିରେ ଯୋଗଦେଇ ସାଇବର ବିପଦ ମୁକାବିଲା ପାଇଁ ଜିଲ୍ଲାର କ୍ଷମତାକୁ ସୁଦୃଢ଼ କରିଛନ୍ତି।

● ବନ୍ତଲା ଅଗ୍ନିକାଣ୍ଡ

# ସହାୟତା ଘୋଷଣା କଲେ ବିଧାୟକ

ଅନୁଗୋଳ,୧୩।୩(ସମିସ): ଅନୁଗୋଳ ଜିଲ୍ଲା ବନ୍ତଲା ଛକରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୦ ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଛି। ଏକ ମିଠା ଦୋକାନରୁ ନିଆଁ ବ୍ୟାପୀ ଏହି ଅଘଟଣ ଘଟିଥିବା ବେଳେ ବନ୍ତଲା ଓ ଅନୁଗୋଳ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣା ସମ୍ପର୍କରେ ଜାଣିବା ମାତ୍ରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ବିଧାନସଭା ଅଧିବେଶନ ଛାଡ଼ି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେ କ୍ଷତିଗ୍ରସ୍ତଙ୍କୁ ସାନ୍ତ୍ୱନା ଦେବା ସହ ତୁରନ୍ତ ରିଲିଫ୍ ଯୋଗାଇ ଦେବାକୁ ପ୍ରଶାସନକୁ



ନିର୍ଦ୍ଦେଶ ଦେଇଛନ୍ତି। ବିଧାୟକଙ୍କ ନିର୍ଦ୍ଦେଶରେ ଉପଜିଲ୍ଲାପାଳ ଓ ବିଡିଓ ରେଡକ୍ରସ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ୧୦ରୁ ୧୫ ହଜାର ଟଙ୍କା ଲେଖାଏଁ ସହାୟତା ଦେଇଛନ୍ତି। ଏହାବ୍ୟତୀତ ବିଧାୟକ ନିଜ ପକ୍ଷରୁ ମଧ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ୨ ଜଣଙ୍କୁ ୩ ଲକ୍ଷ ଟଙ୍କା ଲେଖାଏଁ, ୪ ଜଣଙ୍କୁ ୫୦ ହଜାର ଟଙ୍କା ଲେଖାଏଁ, ୨ ଜଣଙ୍କୁ ୩୦ ହଜାର ଟଙ୍କା ଲେଖାଏଁ, ଜଣଙ୍କୁ ୨୫ ହଜାର ଟଙ୍କା, ଜଣଙ୍କୁ ୨୦ ହଜାର ଟଙ୍କା ପ୍ରଦାନ କରିବାକୁ ବିଧାୟକ ଘୋଷଣା କରିଛନ୍ତି।

# ବନ୍ୟପ୍ରାଣୀ ପରିଚାଳନା ପ୍ରଶିକ୍ଷଣ ଶିବିର



ଅନୁଗୋଳ,୧୩।୩(ସମିସ): ଅନୁଗୋଳସ୍ଥିତ ବ୍ଲାକ୍ ଡାଇମଣ୍ଡ ସମ୍ମିଳନୀ କକ୍ଷରେ ବନ ବିଭାଗ ପକ୍ଷରୁ ସର୍କଲସ୍ତରୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପ୍ରଥମ ଦିବସ ସଫଳତାର ସହ ସମ୍ପନ୍ନ ହୋଇଛି। କାର୍ଯ୍ୟକ୍ରମରେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ସଞ୍ଜୟ କୁମାର ସ୍ୱାଇଁ, ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର, ଢେଙ୍କାନାଳ ଡିଏଫଓ ସୁମିତ କର, ଆଠମଲ୍ଲିକ ଡିଏଫଓ ସନ୍ତୋଷ କୋପୁଲା, ସାତକୋଶିଆ ଡିଏଫଓ ଗଦାଧର ପାତ୍ର ଏବଂ ଅନୁଗୋଳ ଏସିଏଫ୍ ସିଦ୍ଧାର୍ଥ ଜୈନଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କ୍ଷେତ୍ର କର୍ମଚାରୀ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଶେଷ କରି ସମ୍ମୁଖ ଧାଡ଼ିର ବନ କର୍ମଚାରୀଙ୍କ କ୍ଷେତ୍ରସ୍ତରୀୟ ଦକ୍ଷତା ବୃଦ୍ଧି ଉପରେ ପର୍ଯ୍ୟବଶିତ ଥିଲା। ଏଥିରେ ବନ୍ୟପ୍ରାଣୀ ଗଣନା କୌଶଳ, ହାତୀଙ୍କ ମୃତଦେହ ବ୍ୟବଚ୍ଛେଦ ନିୟମାବଳୀ, ହାତୀଙ୍କ ସୁରକ୍ଷିତ ଉଦ୍ଧାର ଓ ସ୍ଥାନାନ୍ତର ପ୍ରକ୍ରିୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହାସହ ବନ୍ୟପ୍ରାଣୀ ଅପରେସନ୍ ସମୟରେ ଜନସାଧାରଣଙ୍କ ଭିଡ଼ ନିୟନ୍ତ୍ରଣ ଏବଂ ବନ୍ୟପ୍ରାଣୀ ସମ୍ବନ୍ଧୀୟ ବିଭିନ୍ନ ଆଇନଗତ ପ୍ରାବଧାନ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହାଦ୍ୱାରା ବନ୍ୟପ୍ରାଣୀ ବିରୋଧୀ ଅପରାଧ ରୋକିବା ଓ କ୍ଷେତ୍ର ସ୍ତରରେ ସଠିକ୍ ସମନ୍ୱୟ ରକ୍ଷା କରିବା ସହଜ ହୋଇପାରିବ ବୋଲି କୁହାଯାଇଛି।

# ତୁହାକୁ ତୁହା ପଡୁଛି ରେଳଫାଟକ

ତାଳଚେର,୧୩।୩(ସମିସ):

ତାଳଚରେ ବାଇପାସ୍ ଛକରୁ ହାଟତୋଟାକୁ ଯାଇଥିବା ମୁଖ୍ୟରାସ୍ତାରେ ରେଲୱେ ଫାଟକ ରହିଛି। ପ୍ରାୟ ସମୟରେ ଏହି ଫାଟକ ବନ୍ଦ ରହୁଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହି ରାସ୍ତାରେ କୋର୍ଟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ

## ସବୁ ମହଲରେ ଅସନ୍ତୋଷ

କାର୍ଯ୍ୟାଳୟ, ତହସିଲ, ଆରଆଇ, ବନ ବିଭାଗ ଅଫିସ୍, ପ୍ରାଣୀ ଚିକିତ୍ସାଳୟ, ମହିଳା ମହାବିଦ୍ୟାଳୟ, ଯୁବରାଜ ହାଇସ୍କୁଲ, ବିରାଦରପଡ଼ା ୟୁପି ସ୍କୁଲ, ଷ୍ଟେଟବ୍ୟାଙ୍କ, ଗ୍ରାମ୍ୟବ୍ୟାଙ୍କ, ପୋଷ୍ଟ ଅଫିସ୍, ପୌର ପରିଷଦ



ଚିକିତ୍ସାଳୟ ସମେତ ବହୁ ଛୋଟବଡ଼ ସରକାରୀ ଓ ଘରୋଇ କାର୍ଯ୍ୟାଳୟର କର୍ମଚାରୀ ଅଫିସ୍ କାର୍ଯ୍ୟରେ ଯାତାୟାତ କରନ୍ତି। ରେଳ ଫାଟକ ବନ୍ଦ ରହୁଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦେଶର ଭବିଷ୍ୟତ, ଛାତ୍ରଛାତ୍ରୀ ଓ କୁନି ପ୍ରତିଭାମାନେ ମଧ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି, ଜରୁରୀ ସେବା ଯୋଗାଉଥିବା ଯାନ ଯଥା-ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ, ଜନନୀ ଏକ୍ସପ୍ରେସ୍ ଇତ୍ୟାଦି ମଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଦୀର୍ଘ ସମୟ ଫାଟକେ ବନ୍ଦ ରହୁଥିବାର ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଠିଆହୋଇ ରହୁଛି। ଫଳରେ ଲୋକଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୋଇଲା ଖଣିରୁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ନେଉଥିବା ବେଳେ ଜନସାଧାରଣଙ୍କ ସୁବିଧା ନିମନ୍ତେ ଓଭରବ୍ରିଜ ନିର୍ମାଣ ପାଇଁ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲେ ମଧ ଏ ଦିଗରେ କେହି କର୍ଣ୍ଣପାତ ନ କରିବା ଦୁର୍ଭାଗ୍ୟଜନକ ବିଷୟ ହୋଇଛି। ତୁରନ୍ତ ସମସ୍ୟା ସମାଧାନ କରିବାକୁ ଦାବି ହେଉଛି।

# ଦୁର୍ଘଟଣା ପରେ ପିଚୁ ଟ୍ୟାଙ୍କର ଜଳିଗଲା; ଡ୍ରାଇଭର ଦଗ୍ଧ

ପାଲଲହଡ଼ା,୧୩।୩(ସମିସ): ଗୁରୁବାର ବିଳମ୍ବିତ ରାତି ପ୍ରାୟ ୩ଟାରେ ଅନୁଗୋଳ ଜିଲ୍ଲା ଖମାର ଥାନା ଅନ୍ତର୍ଗତ ବାଲିପଶି ଛକ ନିକଟ ଜାତୀୟ ରାଜପଥ ୧୪୯ରେ ଭାରସାମ୍ୟ ହରାଇ ଏକ ପିଚୁ ବୋଝେଇ ଟ୍ୟାଙ୍କର ଓଲଟି



ପଡ଼ିଥିଲା। ଦୁର୍ଘଟଣା ପରେ ଟ୍ୟାଙ୍କରରେ ସର୍ଟସର୍କିଟ ହୋଇ ନିଆଁ ଲାଗିଯାଇଥିଲା। ନିଆଁ ଏତେ ଭୟଙ୍କର ଥିଲା ଯେ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରରୁ ଚାଳକ ବାହାରି ନ ପାରି ଜିଅନ୍ତା ଜଳିଯାଥିଲେ। ଟ୍ୟାଙ୍କରଟି ତାଳଚେର ପଟୁ ପାଲଲହଡ଼ା ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୁଲିସ ଏବଂ ପାଲଲହଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ଚାଳକଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟ ପଠାଇଥଲେ। ପୁଲିସ ଘଟଣାର ଦତନ୍ତ ଜାରି ରଖିଛି।

# କଳାକନା ବୁଲାଇଲେ ଦୁର୍ବୃତ୍ତ

ତାଳଚେର,୧୩।୩(ସମିସ): ଦୁଇମାସ ନ ପୂରୁଣୁ, ଲୋକଙ୍କ ମନରୁ ଭୟ ନ ଯାଉଣୁ ତାଳଚେର ବ୍ଲକ ଅନ୍ତର୍ଗତ କଙ୍କିଳି ପଞ୍ଚାୟତ ନୂଆସାହିରେ ବିଳମ୍ବିତ ରାତିରେ ତାଲା ଭାଙ୍ଗି ଘର ମାଲିକଙ୍କ ଛାତିକୁ ଇଟାରେ ମରଣାନ୍ତକ ଅକ୍ରମଣ କରି ଘରୁ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଏହି ଘଟଣା ସ୍ଥାନୀୟ ପୁଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୁରୁବାର ବିଳମ୍ବିତ ରାତିରେ ନୂଆସାହିର ବୋଧି ବିଶ୍ୱାଳ (୬୫) ଘରେ ଏକାକୀ ଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ସୁନାଗହଣା, କାଗଜପତ୍ର ଇତ୍ୟାଦି ଲୁଟିନେଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ପ୍ରାୟ ଦୁଇମାସ ପୂର୍ବରୁ ସେହି ଗ୍ରାମର ବିଜୁ ସାହୁଙ୍କ ଘରୁ ଏଭଳି ଭାବେ ଲୁଟପାଟ୍ ହୋଇଥିଲା।

# ଅଳିଆ ପୋଡ଼ା ଘଟଣା: ପୌରପାଳିକାକୁ ଏନଜିଟି ନୋଟିସ

ତାଳଚେର ସହର,୧୩।୩(ସମିସ): ତାଳଚେର ସହରରେ ଅଳିଆ ପୋଡ଼ା ଘଟଣାକୁ ନେଇ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ତାଳଚେର ପୌରପାଳିକା ସମେତ ସମ୍ପୃକ୍ତ ପକ୍ଷମାନଙ୍କୁ ନୋଟିସ୍ ଜାରି କରିଛନ୍ତି। ସହରରେ ସଫେଇ କର୍ମଚାରୀମାନେ ରାସ୍ତାଘାଟରୁ ଅଳିଆ ସଂଗ୍ରହ କରି ଖୋଲାଖୋଲି ନିଆଁ ଲଗାଇ ପୋଡୁଥିବା ଅଭିଯୋଗକୁ ନେଇ ଏହି ମାମଲା ଟ୍ରିବ୍ୟୁନାଲରେ ଉଠାଯାଇଥିଲା। କିଛିଦିନ ପୂର୍ବରୁ ତାଳଚେର ସହରର ବାୟୁ ଗୁଣବତ୍ତା ସୂଚକ ପ୍ରାୟ ୩୮୦ ଯାଏଁ ପହଞ୍ଚିଥିଲା। ଏହି ପରିସ୍ଥିତିକୁ ଦେଖି ଅନୁଗୋଳ ଜିଲ୍ଲାପାଳ ସହରରେ ଗ୍ରାପ ୨ ନିୟମ ଲାଗୁ କରିଥିଲେ ଏବଂ ବିଭିନ୍ନ ପ୍ରଦୂଷଣ ନିୟନ୍ତ୍ରଣ କଟକଣା ଘୋଷଣା କରାଯାଇଥିଲା। ତଥାପି ଏହି ନିୟମକୁ ଅଣଦେଖା କରି ସହରର ବିଭିନ୍ନ ସ୍ଥାନରେ ଅଳିଆ ପୋଡ଼ା ଚାଲୁଥିବା ଅଭିଯୋଗ ଆସିଥିଲା। ଏହି ଘଟଣାକୁ ନେଇ ସୂଚନା ଅଧିକାର



କର୍ମୀ ଦେବପ୍ରସାଦ ସାହୁ ପୂର୍ବରୁ ରାଜ୍ୟ ମାନବ ଅଧିକାର କମିଶନରେ ଅଭିଯୋଗ କରିଥିଲେ। କମିଶନ ଏହାକୁ ଗୁରୁତ୍ୱ ଦେଇ ଅନୁଗୋଳ ଜିଲ୍ଲାପାଳ ଓ ତାଳଚେର ପୌରାଧକ୍ଷଙ୍କୁ ରିପୋର୍ଟ ଦାଖଲ କରିବାକୁ ନୋଟିସ୍ କରିଥିରେ। କିନ୍ତୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ରିପୋର୍ଟ ଦାଖଲ ହୋଇନାହିଁ। ପ୍ରଶାସନର ନିଷ୍କ୍ରିୟତାକୁ ନେଇ ପରବର୍ତ୍ତୀ ସମୟରେ ସୂଚନା ଅଧିକାର କର୍ମୀ ସାହୁ ଏନ୍‌ଜିଟିର ଦ୍ୱାରସ୍ଥ ହୋଇ ନିଜ ପକ୍ଷ ରଖିଥିଲେ। ମାମଲାର ଶୁଣାଣି ପରେ ଟ୍ରିବ୍ୟୁନାଲର ଖଣ୍ଡପୀଠ ସମ୍ପୃକ୍ତ ସମସ୍ତ ପକ୍ଷଙ୍କୁ ନୋଟିସ୍ ଜାରି କରି ୪ ସପ୍ତାହ ମଧରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତାଘାଟରେ ଅଳିଆ ପୋଡ଼ା ଯୋଗୁଁ ବାୟୁ ପ୍ରଦୂଷଣ ବୃଦ୍ଧି ପାଇବା ସହ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡୁଛି। ସାଧାରଣ ଲୋକ ନିୟମ ଉଲ୍ଲଙ୍ଘନ କଲେ କାର୍ଯ୍ୟାନୁଷ୍ଠାନ ହେଉଥିବା ବେଳେ ସରକାରୀ ସଂସ୍ଥା କର୍ମଚାରୀମାନେ ଏଭଳି କାର୍ଯ୍ୟରେ ଲିପ୍ତ ରହିବାକୁ ନେଇ ପ୍ରଶ୍ନ ଉଠିଛି। କିଛି ସଫେଇ କର୍ମଚାରୀ କହିଛନ୍ତି ଯେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ସେମାନେ ଏଭଳି କାମ କରୁଛନ୍ତି। ଯଦି ଏହା ସତ୍ୟ, ତେବେ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ଜୋର ଧରିଛି।

# ଚୋରା ଗ୍ୟାସ୍ ଫିଲିଂ ଦୋକାନରେ ଚଢ଼ଉ




ତାଳଚେର,୧୩।୩(ସମିସ): ଯୋଗାଣର ଏକ ଟିମ୍ ତାଳଚେର ପୁଲିସ୍ ଓ ଡେପୁଟି କଲେକ୍ଟର ଧର୍ମେନ୍ଦ୍ର ଶତପଥୀଙ୍କ ଉପସ୍ଥିତିରେ ଶୁକ୍ରବାର ତାଳଚେର ବାଇପାସ୍ ଛକରେ ଥିବା ରାଜଗୁରୁ ଗ୍ୟାସ୍ ସଲ୍ୟୁସନ୍‌ରେ ଅତର୍କିତ ଚଢ଼ଉକରି ୫ କେଜିର ୧୯ଟି ଚୋରା ଗ୍ୟାସ୍ ସିଲିଣ୍ଡର ଓ ୧୪ କେଜିର ୬ଟି ସିଲିଣ୍ଡର ଜବତ କରିଛନ୍ତି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ଏଠାରେ ଅନେକ ଦିନରୁ ଚୋରାରେ ବଡ଼ ସିଲିଣ୍ଡରରୁ ୫କେଜି ଟାଙ୍କିରେ ଗ୍ୟାସ୍ ଭର୍ତ୍ତି କରି ଲୋକଙ୍କୁ ଉଚ୍ଚ ଦରରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଥିଲା। ଏହି ଘଟଣା ପ୍ରଚାର ହେବାପରେ ଅଞ୍ଚଳର ଚୋରା ଗ୍ୟାସ୍ ବେପାରୀଙ୍କ ମନରେ ଭୟ ସୃଷ୍ଟି ହୋଇଛି।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ଅନୁଗୋଳ,୧୩।୩(ସମିସ): ଶୁକ୍ରବାର ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର୍‌ଙ୍କ ଅଧକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପ୍ରାରମ୍ଭରେ ଫେବୃଆରୀ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା। ପରିବହନ ବିଭାଗ ସୂଚନା ଅନୁଯାୟୀ ଫେବୃଆରୀ ମାସରେ ଜିଲ୍ଲାରେ ମୋଟ ୪୦ ଦୁର୍ଘଟଣା ଘଟିଥିବାବେଳେ ୧୯ ଜଣଙ୍କ ମୃତ୍ୟୁ ଓ ୨୧ଜଣ ଆହତ



ହୋଇଛନ୍ତି। ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡ଼ି ଚାଳନା ଯୋଗୁଁ ୧୧୧୫ ଜଣ, ଦ୍ରୁତ ଗାଡ଼ି ଚାଳନା ନିମନ୍ତେ ୧୦୩୩ ଜଣ, ମଦ୍ୟପାନ କରି ଗାଡ଼ି ଚାଳନ ନିମନ୍ତେ ୧୮ ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୪୯ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ୪୩୨ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଏସ୍‌ପି ବିରଞ୍ଚି ବାଗ, ଉପଜିଲ୍ଲାପାଳ ମାୟାଧର ବେହେରା, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ ପଟ୍ଟନାୟକଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# ଜେସିଆଇ ଦ୍ୱାରା ସ୍କେଟିଂ ପ୍ରଶିକ୍ଷଣ ଶିବିର




ଅନୁଗୋଳ,୧୩।୩(ସମିସ): ଜୁନିଅର୍ ଚାମ୍ବର ଇଣ୍ଟରନାସନାଲ (ଜେସିଆଇ) ତାଳଚେର ଶାଖା ପକ୍ଷରୁ ସ୍କେଟିଂ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଛି। ସେଣ୍ଟ ଜୋନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଶିବିରରେ ଫାଦର୍ ସନ୍ଦୀପ ଜି ମୁଖ୍ୟଅତିଥି ଭାବେ ଯୋଗଦେଇ ଜେସିଆଇର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କ୍ରୀଡ଼ା କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ପାଇଁ ବେଶ୍ ଉପଯୋଗୀ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜେସିଆଇର ପୂର୍ବତନ ଜୋନ ଅଧକ୍ଷ ଆଶିଷ ଅଗ୍ରୱାଲ, ନାଗପୁରରୁ ଆସିଥିବା ସ୍ୱତନ୍ତ୍ର ପ୍ରଶିକ୍ଷକ ରବୀନ୍ଦ୍ର ମିସାଲ୍ ପ୍ରମୁଖ ଯୋଗଦେଇ ସ୍କେଟିଂର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ତାଳଚେର ଜେସିଆଇ ଶାଖା ସଭାପତି ଅରୁଣ ମୋଦି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ପାଲ ମଞ୍ଚ ପରିଚାଳନା ଓ ପୂର୍ବତନ ସଭାପତି ବାସୁଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ୭ ଦିନ ପର୍ଯ୍ୟନ୍ତ ଚାଲିବ। ଶେଷ ଦିନ ଏକ ରୋଡ ଶୋ' ଆୟୋଜିତ ହେବା ସହ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ପୂର୍ବତନ ସଭାପତି ମହେଶ ଅଗ୍ରୱାଲ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଜେସିଆଇ ପକ୍ଷରୁ ଜିତେନ୍ ଅଗ୍ରୱାଲ, ରଶ୍ମି ଅଗ୍ରୱାଲ, ପଲ୍ଲବୀ ଅଗ୍ରୱାଲ, ସୋନିଆ ସିଂହଲ, ଅଂଶୁମାନ, ଆକାଶ ଅଗ୍ରୱାଲ, ସୁଶୀଲ ସାହୁ, ହରୀଶ ଅଗ୍ରୱାଲ, ଦଲଜିତ ସିଂଙ୍କ ସମେତ ବହୁ ସଂଖ୍ୟାରେ ଅଭିଭାବକ ଯୋଗଦେଇଥିଲେ।

# ସାମ୍ବାଦିକ ସଂଘ ପକ୍ଷରୁ ରକ୍ତଦାନ ଶିବିର

ତାଳଚେର ସହର,୧୩।୩(ସମିସ): ତାଳଚେର ଥର୍ମାଲ୍‌ସ୍ଥିତ ଭେଲ୍ କମ୍ପାନୀ ସହଯୋଗରେ ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ଭେଲ୍ କମ୍ପାନୀର ପ୍ରକଳ୍ପ ନିର୍ଦ୍ଦେଶକ ତଥା ମହାପ୍ରବନ୍ଧକ ବୁରାହନ୍ ମାଝୀ, ପାୱାରମେକ୍‌ର ବରିଷ୍ଠ ଅଧିକାରୀ ଗୋବିନ୍ଦ ସାହି, ଭେଲ୍‌ର ବରିଷ୍ଠ ପ୍ରବନ୍ଧକ (ମାନବ ସମ୍ବଳ) ମନୋଜ କୁମାର ମଲ୍ଲ, ଡା. ପ୍ରଦୀପ କୁମାର ଓ ଆସୋସିଏସନ୍ ସଭାପତି



ମଦନ ମୋହନ ସାହୁ, ଉପସଭାପତି ଅଜୟ କୁମାର ନାୟକ, ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଟିଟିପିଏସ୍‌ର କାର୍ଯ୍ୟରତ ୨୨ କମ୍ପାନୀର କର୍ମଚାରୀ ଶିବିରରେ ରକ୍ତଦାନ କରିଥିଲେ। ପାୱାରମେକ୍, କେସିପିଏଲ୍, ଟେକ୍ନୋ, ପାହାଡ଼ପୁର, ବିଏଣ୍ଡବି, ମେଟାଲକର୍ମା, ମେଟାଲ ଇଞ୍ଜିନିୟରିଂ, ୱାଇ ସାହିତ୍ୟ, ଏମ୍‌ଏସ୍ ଏଣ୍ଟରପ୍ରାଇଜର୍ସ, ସିରକୋ ମାତା ଜାନକୀ ଭଳି ଅନ୍ୟ କମ୍ପାନୀର ସହଯୋଗରେ ଶିବିର ଆୟୋଜନ କରାଯାଇଥିଲା। ଶିଳ୍ପ ନିରାପତ୍ତା ବାହିନୀ ଓ ଏନ୍‌ଟିପିସି ପକ୍ଷରୁ ମଧ ସହଯୋଗ ମିଳିଥିଲା। ଆସୋସିଏସନ୍‌ର କୋଷାଧକ୍ଷ ସୌମିତ୍ର ସେନାପତି, ନରୋତ୍ତମ ସାହୁ, ନିରଞ୍ଜନ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତାଳଚେର ବ୍ଲଡ ବ୍ୟାଙ୍କ ଦ୍ୱାରା ମୋଟ୍ ୭୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ସମଗ୍ର ରେଞ୍ଜରେ ଜଳୁଛି ଜଙ୍ଗଲ; ନିଆଁ ଅଣାୟତ୍ତ

● ଜନଜୀବନ, ବନ୍ୟପ୍ରାଣୀ ଅସ୍ତବ୍ୟସ୍ତ



ପାଲଲହଡ଼ା,୧୩।୩(ସମିସ): ଦୀର୍ଘ ୧୫ ଦିନ ହେଲା ପାଲଲହଡ଼ା ରେଞ୍ଜ୍‌ର ୨୫ କିଲୋମିଟର ଅଞ୍ଚଳରେ ରାସ୍ତାପାଶ୍ୱର୍ ସଂରକ୍ଷିତ ଓ ଅନ୍ୟ ଜଙ୍ଗଲରେ ନିଆଁ ଲାଗି ଶହ ଶହ ଏକର ଜଙ୍ଗଲ ନଷ୍ଟ ହେଉଛି। ମାତ୍ର ୧୦ ଜଣ ନିଆଁ ଲିଭାଳି ସ୍କ୍ୱାଡ୍ ଏତେବଡ଼ ଜଙ୍ଗଲ ଅଞ୍ଚଳରେ ନିଆଁ ଲିଭାଇବାରେ ଅସମର୍ଥ ହେଉଛନ୍ତି। ଜଙ୍ଗଲ ଜଳିବାରୁ ମୂଲ୍ୟବାନ ଗଛ ପୋଡ଼ି ନଷ୍ଟ ହେବା ସହ ନିଆଁ ଧୂଆଁରେ ଜନଜୀବନ ବନ୍ୟଜନ୍ତୁ ଅସ୍ତବ୍ୟସ୍ତ ହେଇପଡ଼ିଛନ୍ତି। ବନ୍ୟପ୍ରାଣୀ ଜୀବନ ରକ୍ଷା ପାଇଁ ଗାଁମୁହାଁ ହେଉଛନ୍ତି। ଯେଉଁମାନେ ଆସିପାରୁନାହାନ୍ତି ସେମାନେ ନିଆଁରେ ପୋଡ଼ି ମରୁଛନ୍ତି। ନିଆଁକୁ ଆୟତ୍ତ କରିବା ପାଇଁ ସରକାର ଅଧିକ କର୍ମଚାରୀ ନିୟୋଜିତ କରିବାକୁ ସାଧାରଣରେ ଦାବି ହେଉଛି।

# ରାତ୍ରିକାଳୀନ କ୍ରିକେଟ; ଆନନ୍ଦପୁର ଚାମ୍ପିଅନ

କିଶୋରନଗର,୧୩।୩(ସମିସ):

ଆଠମଲ୍ଲିକ ଉପଖଣ୍ଡ ୯ନମ୍ବର ୱାର୍ଡ ରାମେଶ୍ୱର ପାଟଣା ସାହି ପଡ଼ିଆରେ ମା' ରୁଦ୍ର ଭବାନୀ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ରାତ୍ରିକାଳୀନ ସର୍କଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ ଆନନ୍ଦପୁର ଏବଂ ତାଜ କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା। ଆନନ୍ଦପୁର ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଅମ୍ପାୟର ଜଗା ଏବଂ କାହ୍ନା ଖେଳ ପରିଚାଳନା କରିଥିବା ବେଳେ କମଳ ବାହୁକ ଧାରାବିବରଣୀ ଏବଂ ଗୋବିନ୍ଦ ପାଣ୍ଡେ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ



ତହସିଲଦାର ପ୍ରସନ୍ନ ଟେଟେ, ସମ୍ମାନିତ ଅତିଥି ଭାବେ ସହକାରୀ ଯୋଗାଣ ଅଧିକାରୀ ସତ୍ୟବ୍ରତ ସେଠୀ, ଯୁବ ଉଦ୍ୟୋଗୀ ଅମ୍ଳାନଜ୍ୟୋତି ମିଶ୍ର, ସ୍ୱେଚ୍ଛାସେବୀ କୃଷ୍ଣଚନ୍ଦ୍ର ଭୋକ୍ତା, ଶିକ୍ଷାବିତ ବିଭୁରଞ୍ଜନ ସାହୁ, ସାମ୍ବାଦିକ କମଳାକାନ୍ତ ମିଶ୍ର ଯୋଗଦେଇ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ମା' ରୁଦ୍ର ଭବାନୀ କ୍ଲବ ସଭାପତି ବିଶାଳ କୁମାର ସାହୁ, ସମ୍ପାଦକ ଯୁଧିଷ୍ଠିର ମହାକୁଡ଼, କୋଷାଧକ୍ଷ ଶୁଭ୍ରାଂଶୁ ଶେଖର ଭୋକ୍ତା, ସଭ୍ୟ ରଞ୍ଜିତ ରଣା, ଶକ୍ତି ବେହେରା, ସିପୁନ କଉଡ଼ି, ଗୋବିନ୍ଦ ପାଣ୍ଡେ, ସିଲୁ ଦେହୁରୀ, ସୁଧାଂଶୁ ଶେଖର ଭୋକ୍ତା, ରମଣ ପ୍ରଧାନ, ଶୁଭ୍ରାଂଶୁ ଶେଖର ସାହୁ, କରଣ ପାଣ୍ଡେ, ରିତେଶ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

# ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ
# ରନ୍ଧନ ଗ୍ୟାସ ସଙ୍କଟ, ଖରାରେ ଗ୍ରାହକଙ୍କ ଲମ୍ବା ଧାଡ଼ି

ରାଜକନିକା,୧୩।୩(ସମିସ):



ଯାହା ଅନୁମାନ କରାଯାଉଥିଲା ତାହା ସତ୍ୟ ହେଲା। ମଧ୍ୟପ୍ରାଚ୍ୟ ଯୁଦ୍ଧର ଘନଘଟା ଭିତରେ ସନ୍ତୁଳି ହେଉଛନ୍ତି ଖାଉଟୀ। ଏବେ ରନ୍ଧନ ଗ୍ୟାସର ଘୋର ଅଭାବ ଥିବାବେଳେ ରାଜକନିକାରେ ଥିବା ଇଣ୍ଡେନ ଗ୍ୟାସ ବିତରଣ ସଂସ୍ଥା ଆଗରେ ସକାଳ ୬ରୁ ଶହ ଶହ ଗ୍ରାହକ ଗ୍ୟାସ ସିଲିଣ୍ଡର ଧରି ଲାଇନ ଲଗାଇବା ଦେଖିବାକୁ ମିଳିଛି।

ଯୁଦ୍ଧ ସ୍ଥିତିକୁ ନେଇ ସରକାର ଯେତେ ସବୁ ମନ ଭୁଲାଣିଆ କଥା କହୁଛନ୍ତି, ତାହାକୁ ଲୋକେ ଆଉ ସହ୍ୟ କରୁନାହାନ୍ତି। ମମତା ନାୟକ ନାମକ ମହିଳା ଗ୍ୟାସ ବୁକିଂ କରି ନ ପାରି ଏହି ଗ୍ୟାସ ଏଜେନ୍ସି ଆଗରେ ୫ ଘଣ୍ଟା ଖରାରେ ବସି କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରାଜକନିକା ସଦର ଏହି ଗ୍ୟାସ ଏଜେନ୍ସି ଆଗରେ ଶହ ଶହ ଗ୍ରାହକଙ୍କ ଭିଡ଼ ଲାଗି ରହିଥିବାବେଳେ ବ୍ଲକର ଯୋଗାଣ ବିଭାଗ ମଧ୍ୟ ଚୁପ ରହିଛି। ଏଠାକାର ଯୋଗାଣ ନିରୀକ୍ଷକ ଦାୟିତ୍ୱ ତୁଲାଉଥିବା ଆଳିର ଯୋଗାଣ ଅଧିକାରୀଙ୍କୁ ଏ ନେଇ ଫୋନ କଲେ ବି ସେ କୌଣସି ଉତ୍ତର ଦେଉନାହାନ୍ତି। ଆଜି ଶହ ଶହ ସଂଖ୍ୟାରେ ଗ୍ୟାସ ଉପଭୋକ୍ତା ଗାନ୍ଧୀ ଇଣ୍ଡେନ ଗ୍ୟାସ ଏଜେନ୍ସି ଆଗରେ ସିଲିଣ୍ଡର ଧରି ଲାଇନ ଲଗାଇବା ବେଳେ ମାତ୍ର ୩୦୦ ସିଲିଣ୍ଡର ଆଜି ଦେବା ସମ୍ଭବ ହୋଇଛି। ଗୋଟିଏ ପଟେ ଗ୍ୟାସ ବୁକିଂ ସମୟ ଗ୍ରାମାଞ୍ଚଳ ପାଇଁ ୪୫ ଦିନ କରାଯିବା, ଅନଲାଇନରେ ଗ୍ୟାସ ବୁକିଂ ନ ହେବା, ଅଫଲାଇନରେ ଧାଡିରେ ରହି ବଡ଼ କଷ୍ଟରେ ଗ୍ୟାସ ପାଇବାକୁ କସରତ କରିବା ଭଳି ଦୃଶ୍ୟ ଆଜି ଉପଭୋକ୍ତାଙ୍କୁ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଇଣ୍ଡିଆନ ଅଏଲ ଭଳି ବୃହତ ରାଷ୍ଟ୍ରାୟତ୍ତ କମ୍ପାନୀର ପ୍ରତ୍ୟକ୍ଷ ପରିଚାଳନାରେ ଯଦି ଗ୍ରାହକଙ୍କୁ ଏଭଳି ହରକତ ହେବାକୁ ପଡ଼େ, ତେବେ କହିବା କାହାକୁ। ଏହି ଏଜେନ୍ସିକୁ ଏ ନେଇ ପଚାରିବାରୁ ଆସନ୍ତା ରବିବାର ସୁଦ୍ଧା ପର୍ଯ୍ୟାପ୍ତ ଗ୍ୟାସ ମିଳିବ। ସ୍ଥିତିରେ ସୁଧାର ଆସିବ ବୋଲି ସଫେଇ ଦିଆଯାଇଛି। ଗ୍ୟାସର ଏହି ସଙ୍କଟ ବେଳେ କେତେକ ଲାଭଖୋର ବ୍ୟବସାୟୀ ସିଲିଣ୍ଡର ପିଛା ୩ ହଜାର ଟଙ୍କା ନେଇ ଗ୍ୟାସ ଯୋଗାଉଥିବା ଅଭିଯୋଗ ହେଉଛି। ରାଜକନିକା ବ୍ଲକର ଓଳାଭର, କଣ୍ଡପଡା, ଦେଉଳସାହି, ପାରିନୂଆପଡା, ହାବଳଗଣ୍ଡ, ଦେଉଳତରା, ନମତରା, କଣ୍ଡିଆ, ବରିପଡା ଆଦି ସ୍ଥାନରେ ତିନି କମ୍ପାନୀର ରନ୍ଧନ ଗ୍ୟାସ୍ ଚୋରାରେ ବିକ୍ରି ହେଉଛି। ଏ ନେଇ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ● ରନ୍ଧନ ଗ୍ୟାସ କଳାବଜାର ଅଭିଯୋଗ
# ଯୋଗାଣ ବିଭାଗର ଚଢ଼ଉ, କଠୋର କାର୍ଯ୍ୟାନୁଷ୍ଠାନ ଚେତାବନୀ

ଗରଦପୁର, ୧୩।୩ (ସମିସ): ପାଟକୁରା ଅଞ୍ଚଳରେ ରନ୍ଧନ ଗ୍ୟାସ୍‌ର ଅଭାବ ଓ କଳାବଜାର ଅଭିଯୋଗକୁ ନେଇ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଗ୍ୟାସ ସିଲିଣ୍ଡର ଉପଲବ୍ଧ ନ ହେବା ସହିତ କେତେକ ସ୍ଥାନରେ ସିଲିଣ୍ଡର ପିଛା ପ୍ରାୟ ୧୫୦୦ ଟଙ୍କା ବିକ୍ରି କରାଯାଉଥିବା ଖବର ମିଳିଥିଲା। ଏହି ଅଭିଯୋଗକୁ ଗୁରୁତର ସହ ନେଇ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ



ନିର୍ଦ୍ଦେଶରେ ଗରଦପୁର ବ୍ଲକ ଅନ୍ତର୍ଗତ ଡିଅସାହି ଓ ମାହାଳ ଅଞ୍ଚଳର ଇଣ୍ଡେନ ଗ୍ୟାସ ଡିପୋରେ ଚଢ଼ଉ କରାଯାଇଥିଲା। ଗରଦପୁର ଯୋଗାଣ ଅଧିକାରୀ ସୁଚିସ୍ମିତା ମହାନ୍ତିଙ୍କ ନେତୃତ୍ୱରେ ତାଙ୍କ ଷ୍ଟାଫ୍ ଯାଞ୍ଚ କରିଥିଲେ। ଡିପୋରେ ନିର୍ଦ୍ଦିଷ୍ଟ ପରିମାଣର ଗ୍ୟାସ ସିଲିଣ୍ଡର ମହଜୁତ ରହିଛି କି ନାହିଁ, ବୁକିଂ କରିଥିବା ଗ୍ରାହକଙ୍କୁ ସମୟମତେ ସିଲିଣ୍ଡର ପହଞ୍ଚାଯାଉଛି କି ନାହିଁ ଓ ବିକ୍ରୟ ପ୍ରକ୍ରିୟାରେ କୌଣସି ଅନିୟମିତତା ହେଉଛି କି ନାହିଁ, ଏସବୁ ଦିଗ ଉପରେ ଯାଞ୍ଚ କରାଯାଇଥିଲା। ସେଥିପାଇଁ ଏଜେନ୍ସିମାନେ କଳାବଜାର କାରବାରରେ ଜଡିତ ଅଛନ୍ତି କି ନାହିଁ ସେଥିରେ ମଧ୍ୟ ଯାଞ୍ଚ କରାଯାଇଥିବା ସୂଚନା ମିଳିଛି। ଯୋଗାଣ ଅଧିକାରୀ ସୁଚିସ୍ମିତା ମହାନ୍ତି କହିଛନ୍ତି, ଯଦି ଗ୍ୟାସ ବିକ୍ରୟରେ କୌଣସି ପ୍ରକାର ଅନିୟମିତତା କିମ୍ବା କଳାବଜାରୀ ଧରାପଡ଼େ, ତେବେ ସଂପୃକ୍ତ ଡିଲର ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି କୌଣସି ଡିଲର ଗ୍ରାହକଙ୍କ ପାଖରୁ ନିର୍ଦ୍ଧାରିତ ଦାମରୁ ଅଧିକ ଟଙ୍କା ଦାବି କରେ, ତେବେ ଗ୍ରାହକ ତୁରନ୍ତ ଯୋଗାଣ ବିଭାଗକୁ ଅଭିଯୋଗ କରିପାରିବେ ଓ ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ● କ୍ଷତିପୂରଣ ନ ଦେଇ ହେଉଛି ପାଇପ୍ ଲାଇନ୍ ବିଛା କାମ
# ତେନ୍ତୁଳିକନ୍ଧାରେ ଚାଷୀଙ୍କ ତୀବ୍ର ବିରୋଧ



ମହାକାଳପଡ଼ା,୧୩।୩(ସମିସ): ମହାକାଳପଡା ବ୍ଲକ ବରକନ୍ଦା ପଞ୍ଚାୟତର ତେନ୍ତୁଳିକନ୍ଧା ଗ୍ରାମରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ବିରୋଧରେ ଚାଷୀଙ୍କ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପାରାଦୀପରୁ ହରିଦାସପୁର ପର୍ଯ୍ୟନ୍ତ ଯାଉଥିବା ଏନ୍‌ଆର୍‌ଏନ୍ କମ୍ପାନୀର ପାଇପ୍ ଲାଇନ୍ ବିଛା କାମ ଚାଲିଥିବାବେଳେ ସ୍ଥାନୀୟ ଚାଷୀଙ୍କୁ କ୍ଷତିପୂରଣ ନ ଦେଇ ଜୋରଜବରଦସ୍ତ କାମ କରାଯାଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପାଇପ୍ ଲାଇନ୍ ବିଛା କାମ ଆରମ୍ଭ ପୂର୍ବରୁ କମ୍ପାନୀ କର୍ତ୍ତୃପକ୍ଷ ଚାଷୀଙ୍କ ସହିତ ଆଲୋଚନା କରି ଯଥାଯଥ କ୍ଷତିପୂରଣ ଦେବାକୁ କହିଥିଲେ। କିଛି ହାତଗଣତି ଚାଷୀଙ୍କୁ କ୍ଷତିପୂରଣ ଦେଇ ଅନ୍ୟ ଚାଷୀଙ୍କୁ ଅଣଦେଖା କରି କାମ କରାଯାଉଥିବା ଅଭିଯୋଗ ଉଠିଛି। ଗ୍ରାମର କିଛି ଚାଷୀଙ୍କ ମୁଗ ଚାଷ ହୋଇଥିବା ଜମିରେ ପୂର୍ବ ସୂଚନା ନ ଦେଇ ବଳପୂର୍ବକ ମେସିନ୍ ଚଳାଇ ଫସଲ ନଷ୍ଟ କରି ପାଇପ୍ ଲାଇନ୍ ବିଛାଯାଉଥିବା ଚାଷୀ କହିଛନ୍ତି। ଚାଷୀ ପ୍ରତିବାଦ କରିଥିଲେ ମଧ୍ୟ ଜିଲ୍ଲା ପ୍ରଶାସନଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ କାହାଠାରୁ ସହଯୋଗ ମିଳୁନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ପୁଲିସ୍ ଲଗାଇ ଜୋର ଜବରଦସ୍ତ କାମ କରାଯିବାକୁ ଧମକ ଦିଆଯାଉଥିବାରୁ ଚାଷୀଙ୍କ ମଧ୍ୟରେ ଅଧିକ ଅସନ୍ତୋଷ ସୃଷ୍ଟି ହୋଇଛି। ଆଜି ଏହି ପାଇପ୍ ଲାଇନ୍ ବିଛା କାମକୁ ବିରୋଧ କରି ଗ୍ରାମର ଚାଷୀ ଦୃଢ଼ ପ୍ରତିବାଦ କରିଥିଲେ। କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ସେମାନେ କୌଣସି ପରିସ୍ଥିତିରେ କାମ କରାଇ ଦେବେ ନାହିଁ। ଗୁଳି ଖାଇ ମରିବୁ ପଛେ, ଆମ ଜମିର କ୍ଷତିପୂରଣ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ କରିବୁ ବୋଲି ତେନ୍ତୁଳିକନ୍ଧା ଗ୍ରାମବାସୀ କହିଛନ୍ତି।

# ବେଲପାଳରେ ସରପଞ୍ଚ ଦାୟିତ୍ୱ ନେଲେ ନାଏବ ସରପଞ୍ଚ

ରାଜନଗର,୧୩।୩(ସମିସ): ବେଲପାଳ ପଞ୍ଚାୟତର ରାଜନୀତି ଘଡିକେ ଘୋଡା ଛୁଟୁଛି। ସରପଞ୍ଚ ତିଳୋତ୍ତମା ବରାଳ ଆସ୍ଥା ଭୋଟରେ ପଦ ହରାଇବା ପରେ ନାଏବ ସରପଞ୍ଚ ସରପଞ୍ଚ ଦାୟିତ୍ୱ ନେଇଛନ୍ତି। ଜିଲ୍ଲାପାଳ ବେଲପାଳ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସହିତ ୭ ଜଣ ୱାର୍ଡ ସଭ୍ୟସଭ୍ୟାଙ୍କୁ ପଦରୁ ବହିଷ୍କାର କରିବା ପରେ ବେଲପାଳ ପଞ୍ଚାୟତରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇଥିଲା। ଗତବର୍ଷ ଫେବୃଆରୀରେ ବେଲପାଳ ପଞ୍ଚାୟତରେ ୪ ଜଣ ୱାର୍ଡ ସଭ୍ୟସଭ୍ୟାଙ୍କ ମଧ୍ୟରୁ ମାଳତୀ ବିଶ୍ୱାଳଙ୍କୁ ସରପଞ୍ଚ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଉଚ୍ଚ ନ୍ୟାୟାଳୟ ନାଏବ ସରପଞ୍ଚଙ୍କ ସମେତ ୫ ଜଣ ୱାର୍ଡ ସଭ୍ୟସଭ୍ୟାଙ୍କ ପଦ ବଜାୟ ରଖିଥିଲେ। ଆଜି ନାଏବ ସରପଞ୍ଚ ନଳିନୀକାନ୍ତ କୁଣ୍ଡ ସରପଞ୍ଚ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନାଏବ ସରପଞ୍ଚ ପୁନର୍ବାର ଦୀର୍ଘ ୧ ବର୍ଷ ପରେ ସରପଞ୍ଚ ଭାବେ ଦାୟିତ୍ୱ ନେବା ପରେ ବେଲପାଳରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି।

୨୦୨୪ ଡିସେମ୍ବର ୧୧ ତାରିଖ ଦିନ ସରପଞ୍ଚ ତିଳୋତ୍ତମା ବରାଳ ଅନାସ୍ଥା ଭୋଟରେ ପଦ ହରାଇଥିଲେ। ଅନାସ୍ଥା ଭୋଟରେ ସରପଞ୍ଚ ପଦ ହରାଇବା ପରେ ନାଏବ ସରପଞ୍ଚ ନଳିନୀକାନ୍ତ କୁଣ୍ଡ ସରପଞ୍ଚ ଦାୟିତ୍ୱରେ ରହିଥିଲେ। ଜିଲ୍ଲାପାଳ ୨୦୨୫ ଜାନୁଆରୀ ୨୭ ତାରିଖ ଦିନ ସରପଞ୍ଚ ଦାୟିତ୍ୱରେ ଥିବା ନାଏବ ସରପଞ୍ଚ ନଳିନୀକାନ୍ତ କୁଣ୍ଡଙ୍କ ସମେତ ୱାର୍ଡ ସଭ୍ୟା ମମତା ମଞ୍ଜରୀ ସେଠୀ, ସନ୍ଧ୍ୟାରାଣୀ ସ୍ୱାଇଁ, ରଙ୍ଗଲତା ଜେନା, ମିନତୀ ପ୍ରଧାନ, ୱାର୍ଡ ସଭ୍ୟ ନାରାୟଣ ଜେନା, କଳ୍ପତରୁ ସାହୁ ପ୍ରମୁଖ ୭ ଜଣ ୱାର୍ଡ ସଭ୍ୟସଭ୍ୟାଙ୍କ ସଭ୍ୟ ପଦ ରଦ୍ଦ କରିଥିଲେ । ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବେଲପାଳ ପଞ୍ଚାୟତରେ ୪ ଜଣ ୱାର୍ଡ ସଭ୍ୟସଭ୍ୟାଙ୍କୁ ନେଇ ବୈଠକ କରିବା ସହ ୪ ଜଣଙ୍କ ମଧ୍ୟରୁ ଜଣଙ୍କୁ ସରପଞ୍ଚ ଦାୟିତ୍ୱ ଦେବାକୁ ଚିଠି କରିଥିଲେ। ୪ ଜଣ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ମାଳତୀ ବିଶ୍ୱାଳଙ୍କୁ ସରପଞ୍ଚ ଦାୟିତ୍ୱ ଦିଆଯାଇଥିଲା। ଏ ନେଇ ନାଏବ ସରପଞ୍ଚ ଓ ୬ ଜଣ ୱାର୍ଡ ସଭ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଏହାର ବିଚାର କରି ନାଏବ ସରପଞ୍ଚ ନଳିନୀକାନ୍ତ କୁଣ୍ଡଙ୍କ ସମେତ ଅନ୍ୟ ସଭ୍ୟସଭ୍ୟାଙ୍କ ପଦ ବଜାୟରଖିଥିଲେ। ଆଜି ବେଲପାଳ ପଞ୍ଚାୟତରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେବା ସହ ନାଏବ ସରପଞ୍ଚ ଶ୍ରୀକୁଣ୍ଡ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ● ଚୋର ଗ୍ୟାଙ୍ଗ୍‌କୁ ଧରିଲା ରାଜନଗର ପୁଲିସ
# ୩ ଗିରଫ, ଚୋରି ସାମଗ୍ରୀ ଜବତ

ରାଜନଗର, ୧୩।୩ (ସମିସ): ରାଜନଗର ବଜାର ଓ ଗାଁରେ ସିରିଜ ଚୋରି ପୁଲିସ ପାଇଁ ଚିନ୍ତା ବଢାଇଥିଲା। ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଶେଷରେ ରାଜନଗର ପୁଲିସ ଚୋର ଗ୍ୟାଙ୍ଗ୍‌କୁ ଧରିବାରେ ସଫଳ ହୋଇଛି। ୩ ଜଣଙ୍କୁ ଗିରଫ କରିଥିବାବେଳେ ଚୋରି ସାମଗ୍ରୀ ଜବତ କରିଛି। ଏହି ଚୋରି ଗ୍ୟାଙ୍ଗ୍‌ରେ ସାମିଲ ଥିବା ଅନ୍ୟମାନଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରଖିଛି। ଗତ ୧୧ ତାରିଖ ରାତିରେ ରାଜନଗର ଥାନାଠାରୁ ୧୦୦ ମିଟର ଦୂରରେ ଥିବା ପ୍ରହ୍ଲାଦ ରାଉତଙ୍କ ଗୋଦାମ ଘରେ ଚୋରି ହୋଇଥିଲା। ପ୍ରହ୍ଲାଦ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଗତକାଲି ରାତିରେ ଚଢ଼ଉ କରି ରାଜନଗର ଦୁର୍ଗା ମଣ୍ଡପ ନିକଟରେ ଇଲେକ୍ଟ୍ରି ରିପ୍ୟାରିଂ ଦୋକାନ କରିଥିବା ସୁଶାନ୍ତ ନାଥଙ୍କ ସମେତ ରାଜନଗର ଗାଁର ଶମ୍ଭୁ ମଲ୍ଲିକ ଓ ଚେମଟା ମଲ୍ଲିକଙ୍କୁ ଉଠାଇ ଆଣିଥିଲା। ସେମାନଙ୍କଠାରୁ ୧୧ ତାରିଖ ରାତିରେ ଚୋରି ହୋଇଥିବା ପାନ ମସଲା ସମେତ ଗତ ମାସରେ ବିଷ୍ଣୁ ସାହୁଙ୍କ ଗୋଦାମ ଘରୁ ଚୋରି ହୋଇଥିବା ହର୍ଲିକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ, ରାଜନଗର ରାଜସ୍ୱ ନିରୀକ୍ଷକଙ୍କ କ୍ୱାଟରରୁ ଚୋରି ହୋଇଥିବା ଇନଭର୍ଟର, ବ୍ୟାଟେରୀ ସହିତ ୩ଟି ପାଣି ପମ୍ପ ଆଦି ଜବତ କରାଯାଇଛି।

# ଲିଫ୍ଟ ଦେଇ ଦିବ୍ୟାଙ୍ଗ ମହିଳାଙ୍କ ଭତ୍ତା ଟଙ୍କା ଲୁଟ୍

ରାଜନଗର,୧୩।୩(ସମିସ): ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ବାଇକ୍‌ରେ ଲିଫ୍ଟ ଦେଇ ତାଙ୍କଠାରୁ ଭତ୍ତା ଟଙ୍କା ଲୁଟି ନେବା ସହ ରାସ୍ତା କଡ଼କୁ ଠେଲି ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସସ୍ମିତା ରାଉତ (୩୭) ଜଣେ ଦିବ୍ୟାଙ୍ଗ ମହିଳା। କୋଇଲିପୁର ଗ୍ରାମରେ ତାଙ୍କ ବାପଘର । ବଡ଼ଗାଁରେ ସେ ବିବାହ କରିଛନ୍ତି। ସୁଭଦ୍ରା ଟଙ୍କା ଉଠାଇବା ପାଇଁ ବାପଘର କୋଇଲିପୁର ଆସିଥିଲେ। ବାପଘରୁ ରାଜନଗର ଷ୍ଟେଟ ବ୍ୟାଙ୍କକୁ ଆସି ସୁଭଦ୍ରା ଟଙ୍କା ଆସିଛି କି ନାହିଁ ବୁଝିଥିଲେ। ସୁଭଦ୍ରା ଟଙ୍କା ଆସି ନ ଥିବାରୁ ଭତ୍ତା ଟଙ୍କା ୧୧୦୦ ଉଠାଇ ଯାଉଥିବା ସମୟରେ କୁନ୍ଦୁପୁର ନିକଟରେ ଜଣେ ଯୁବକ ତାଙ୍କୁ ବାଇକରେ ଲିଫ୍ଟ ଦେଇଥିଲେ। କିଛି ବାଟ ଯିବାପରେ ଯୁବକ ଜଣକ ତାଙ୍କଠାରୁ ସବୁକଥା ପଚାରି ବୁଝିଥିଲେ ଓ ପରେ ତାଙ୍କଠାରୁ ୧୧୦୦ ଟଙ୍କା ଛଡ଼ାଇନେବା ସହ ତାଙ୍କୁ ରାସ୍ତା କଡ଼କୁ ଠେଲି ଦେଇ ଚାଲିଯାଇଥିଲେ। ମହିଳାଙ୍କ ମୁଣ୍ଡ ଫାଟି ଯିବା ସହ ଖଣ୍ଡିଆ ଖାବରା ହୋଇଥିଲେ। ସ୍ଥାନୀୟ ଯୁବକ ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ହାଇଦ୍ରାବାଦରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ରାଜନଗର,୧୩।୩(ସମିସ): ବ୍ରାହ୍ମଣସାହି ପଞ୍ଚାୟତ ଗଜରାଜପୁର ଗ୍ରାମର ନରହରି ଦାସଙ୍କ ପୁଅ ନୃସିଂହ ଦାସ(୪୬) ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ରଡ ବାଇଣ୍ଡିଂ କାମ କରୁଥିଲେ। ମଙ୍ଗଳବାର ଦିନ ତାଙ୍କର ମୃତ୍ୟୁ ଘଟିଛି। ସେ ବଚୁପଲୀ ଥାନା ଅନ୍ତର୍ଗତ ଗୋପନପାଲୀରେ ରୁହନ୍ତି। ମଙ୍ଗଳବାର ଦିନ ରାତିରେ ଶୋଇଥିଲେ। ସକାଳେ ଅନ୍ୟ ଶ୍ରମିକମାନେ କାମକୁ ଚାଲି ଯାଇଥିଲେ। ମଧ୍ୟାହ୍ନରେ ଅନ୍ୟ ଶ୍ରମିକ ଫେରି ନୃସିଂହ ଶୋଇଥିବା ଦେଖି ତାଙ୍କୁ ଡାକିଥିଲେ, ମାତ୍ର ନୃସିଂହ ଉଠି ନ ଥିଲେ। ଶ୍ରମିକମାନେ ସ୍ଥାନୀୟ ଥାନାକୁ ଜଣାଇବା ସହିତ ନୃସିଂହକୁ କାମକୁ ଆଣିଥିବା ମଣିଷ ସର୍ଦ୍ଦାର ପ୍ରତାପ ମଲିକଙ୍କୁ ମଧ୍ୟ ଜଣାଇଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ କରିଛି। ମୃତ ନୃସିଂହଙ୍କ ପତ୍ନୀ ମିନତୀ ଦାସ ସ୍ୱାମୀଙ୍କ ଶବକୁ ଆଣିବାକୁ ହାଇଦ୍ରାବାଦ ଯାଇଥିବା ଜଣାପଡିଛି।

# ଅଗ୍ନିବିପନ୍ନ ପରିବାରଙ୍କୁ ବସନ୍ତପୁର ଶିରଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟର ସହାୟତା

ଗରଦପୁର,୧୩।୩(ସମିସ): ଗରଦପୁର ବ୍ଲକ୍ ଅଧୀନ ତେଣ୍ଡାକୁଡା ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଗ୍ରାମରେ ଗତ ସୋମବାର ବିଳମ୍ବିତ ରାତିରେ ଘଟିଥିବା ଅଗ୍ନିକାଣ୍ଡରେ ୭ ବଖରା ଘର ସହ ଧାନ ଚାଉଳ, ଖାଦ୍ୟଶସ୍ୟ, ଆସବାବପତ୍ର ପୋଡ଼ି ଭସ୍ମୀଭୂତ ହୋଇଥିଲା।



ଏଭଳି ଦୁଃଖଦ ସମୟରେ ଗ୍ରାମରେ ଥିବା ଶ୍ରୀଶ୍ରୀ ଶିରଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡକ୍ଟର ରୁଦ୍ର ମହାନ୍ତିଙ୍କ ସହାୟତାରେ ଆଜି ଟ୍ରଷ୍ଟ ପକ୍ଷରୁ ବିପନ୍ନ ପରିବାରଙ୍କୁ ଜରିପାଲ, ଶାଢ଼ୀ, ଧୋତି, ପୋଷାକ, କମ୍ବଳ, ବାସନକୁସନ ସମେତ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଛି। ଟ୍ରଷ୍ଟର ସଦସ୍ୟ ରବୀନ୍ଦ୍ର ମହାପାତ୍ର, ସ୍ୱରୂପ ମହାନ୍ତି, ଦେବୀପ୍ରସାଦ ମହାନ୍ତି, କମଳ ମହାନ୍ତି, ସଂଯୁକ୍ତା ବିଶ୍ୱାଳ ଓ ସଂଜୟ ରାଉତ ପ୍ରମୁଖ ଏସବୁ ସାମଗ୍ରୀ ବଣ୍ଟନ କରିଥିଲେ। ପୂର୍ବରୁ ବିପନ୍ନ ପରିବାରଙ୍କୁ ରନ୍ଧାଖାଦ୍ୟ ଦିଆଯାଇଥିଲା।

# ଅନ୍ଧୁଲି ବିଦ୍ୟାଳୟ ଶତବାର୍ଷିକୀ ପାଇଁ ପ୍ରସ୍ତୁତି ବୈଠକ

ମହାକାଳପଡ଼ା,୧୩।୩(ସମିସ): ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଅନ୍ଧୁଲି ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ପାଳନ ପାଇଁ ସ୍ଥାନୀୟ ଅନ୍ଧୁଲି ମଠ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ଶିକ୍ଷାବିତ୍, ପ୍ରାବନ୍ଧିକ, କଥାକାର, ଔପନ୍ୟାସିକ ତଥା ସ୍ତମ୍ଭକାର ପ୍ରଫେସର ଡକ୍ଟର ବାସନ୍ତୀ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ରଛାତ୍ରୀ, ଶିକ୍ଷାବିତ୍ ଓ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ବୈଠକରେ ଶତବାର୍ଷିକୀ ଉତ୍ସବକୁ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରିବା ସହ ଅଞ୍ଚଳରେ ଶିକ୍ଷାର ବିକାଶ ଓ ସମାଜ କଲ୍ୟାଣ ନିମନ୍ତେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। କବି ଓ ସ୍ତମ୍ଭକାର ତଥା ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରାକାର ଦାସ ଯୋଗଦେଇ ମତାମତ ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ କଳା, ସାହିତ୍ୟ, ସଂଗୀତ, ନୃତ୍ୟ, ବିତର୍କ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିସହ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯିବାକୁ ମଧ୍ୟ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏ ଅବସରରେ ଶତବାର୍ଷିକୀ ପାଳନ କମିଟି ଗଠନ କରାଯାଇଥିଲା। ଡକ୍ଟର ବାସନ୍ତୀ ମହାନ୍ତିଙ୍କୁ କମିଟିର ଅଧ୍ୟକ୍ଷା ଭାବେ ନିର୍ବାଚିତ କରାଯାଇଥିବାବେଳେ କବି ନିରାକାର ଦାସ ଓ ବରିଷ୍ଠ ପତ୍ରକାର ଅରୁଣ କାନୁନଗୋଙ୍କୁ ଉପସଭାପତି, କ୍ଷୀରୋଦ ବେହେରାଙ୍କୁ ସମ୍ପାଦକ, ନିରାକାର ମଥାନଙ୍କୁ ସହସମ୍ପାଦକ ଓ ଅନ୍ଧୁଲି ମଠ ମହନ୍ତ ନିଗମାନନ୍ଦ ଦାସଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଶତବାର୍ଷିକୀ ଉତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ ବୋଲି ପ୍ରସ୍ତାବିତ କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବକୁ ସ୍ମରଣୀୟ ଓ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

# 'ରାତି ପାହିଲେ ନାରାୟଣ ମରିବେ' ପୁରାଣ ଗଳ୍ପ ପୁସ୍ତକ ଉନ୍ମୋଚିତ

ପଟ୍ଟାମୁଣ୍ଡାଇ,୧୩।୩(ସମିସ): ପୌର ପରିଷଦ ଅଡିଟୋରିୟମରେ କର୍ମକାଣ୍ଡ ନିପୁଣ ଓ କଳା ସାହିତ୍ୟର ପୁରୋହିତ ଭିକାରୀ ଚରଣ ଦାସଙ୍କ ପୁରାଣ ଗଳ୍ପ "ରାତି ପାହିଲେ ନାରାୟଣ ମରିବେ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଗାଳ୍ପିକା ଅବନ୍ତୀ ବେହେରାଙ୍କ ପୁସ୍ତକ ଅର୍ଗଲିରେ ବେକ ମଧ୍ୟ ଉନ୍ମୋଚିତ ହେବା ସହିତ ବାପା ଉପରେ ଆଧାରିତ କବି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ଜନସମ୍ପର୍କ ଅଧିକାରୀ ନିରାକାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ଡ. ପ୍ରସନ୍ନ କୁମାର ପାଟଶାଣି ଅତିଥି ଭାବେ ଯୋଗଦେଇ ସଭା ଉଦଘାଟନ କରି ଆଜିର ଯୁବପିଢ଼ି ସାହିତ୍ୟମନସ୍କ ହେବା ଆବଶ୍ୟକ। ଓଡ଼ିଆ ସାହିତ୍ୟରେ ଗଳ୍ପର ଏକ ସ୍ୱତନ୍ତ୍ର ଅବଦାନ ରହିଛି। ଆଜି ଯେପରି ଭିକାରୀ ଚରଣ ଦାସଙ୍କ ପୁରାଣ ଗଳ୍ପ 'ରାତି ପାହିଲେ ନାରାୟଣ ମରିବେ' ପୁସ୍ତକ ପୁରାଣ ଚରିତ୍ରକୁ ଆମ ସାମାଜିକ ଜୀବନରେ ପ୍ରୟୋଗ କରିଥିବା ଏହା ପାଠକଙ୍କୁ ନିଶ୍ଚୟ ଆମୋଦିତ କରିବ ବୋଲି ମତବ୍ୟକ୍ତ କରିଥିଲେ। କେନ୍ଦ୍ରାପଡ଼ା ବୌଦ୍ଧିକ ବିକାଶ ମଞ୍ଚ ସଭାପତି ରଣଧୀର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଲୋଚନ ବିଦ୍ୟାପୀଠ ପ୍ରଧାନଶିକ୍ଷକ ହେମନ୍ତ ରାଉତ, ଔପନ୍ୟାସିକ ପବିତ୍ର ପାଣିଗ୍ରାହୀ, ଓଡ଼ିଶା ଲୋକସେବା ଭବନର ଅବସରପ୍ରାପ୍ତ ଶାଖା ଅଧିକାରୀ ପ୍ରଫୁଲ୍ଲ ଦାସ, ସାହିତ୍ୟିକ ଡକ୍ଟର ମିହିର ସାହୁ, ରାଜ୍ୟବର୍ଦ୍ଧନ ଧଳମହାପାତ୍ର, ସମାଜସେବୀ ଗୋପୀନାଥ ତ୍ରିପାଠୀ ଯୋଗ ଦେଇଥିବାବେଳେ ବରେଣ୍ୟ ଅତିଥି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ ମହାନ୍ତି, ବିଶିଷ୍ଟ ଅତିଥି ଭାବେ ବେଲେଶ୍ୱର ସାହିତ୍ୟ ସଂସଦ ସଭାପତି ବ୍ରଜବନ୍ଧୁ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଇଣ୍ଟରନ୍ୟାସନାଲ୍ ଗୀତା ମିଶନ ଅଧ୍ୟକ୍ଷ ଡକ୍ଟର ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ ତାଙ୍କ ଆଶୀର୍ବଚନରେ ଉପସ୍ଥିତ କବି, ଗାଳ୍ପିକ ଓ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲା। ପ୍ରାବନ୍ଧିକା ଡକ୍ଟର ବାସନ୍ତୀ ମହାନ୍ତି ଓ ଅବସରପ୍ରାପ୍ତ ଶିକ୍ଷକ ସଚିନନ୍ଦନ ଦାସ, କବି ଆରାଧନା ଦାଶ, ଚାରୁଲତା ଭୂୟାଁ, ନଳନୀପ୍ରଭା ଦାଶ, ଅଶୋକ ପରିଡା, ଅକ୍ଷୟ ରାଉତ, ନୃସିଂହ ତରାଇ ପ୍ରମୁଖ ଯୋଗ ଦେଇଥିଲେ। ବେଲେଶ୍ୱର ସାହିତ୍ୟ ସଂସଦ ସମ୍ପାଦକ ପ୍ରମୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହରିଅଙ୍କରେ ରାମଚରିତ ମାନସ ଓ ନବାହ୍ନ ପାରାୟଣ

ଡେରାବିଶ, ୧୩।୩(ସମିସ): ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କସ୍ଥ ମା' କ୍ଷେତ୍ରପାଳିନୀଙ୍କ ମନ୍ଦିର ପ୍ରାଙ୍ଗଣରେ ୨୨ତମ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଆରମ୍ଭ ହୋଇଛି। ଶ୍ରୀରାମ କୃପା ପରିଷଦ ହରିଅଙ୍କ ଆନୁକୂଲ୍ୟରେ ଆୟୋଜିତ ଏହି ଶ୍ରୀରାମ ଚରିତ ମାନସ ନିମନ୍ତେ ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସଯାତ୍ରା କରାଯାଇ ପାରାୟଣ ସ୍ଥଳରେ ଘଟସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ୟାସ ଭାବେ ପଣ୍ଡିତ ହୃଷିକେଶ ଶତପଥୀ ଦାୟିତ୍ୱ ନିର୍ବାହ କରୁଥିବାବେଳେ ପ୍ରତ୍ୟେହ ସକାଳେ ଗୀତାପାଠ ଓ ଶ୍ରୀରାମଚରିତ ମାନସ ପାରାୟଣ ହେବା ସହ ସନ୍ଧ୍ୟାରେ ହନୁମାନ ଚାଲିଶା ପାଠ ଏବଂ ଭଜନ ସମାରୋହ ଅନୁଷ୍ଠିତ ହେଉଛି। ଏହି ପାରାୟଣ ଓ ପ୍ରବଚନ ମହାଯଜ୍ଞର ପୂର୍ଣ୍ଣାହୁତି ୧୭ ତାରିଖରେ ଅନୁଷ୍ଠିତ ହେବ।

# ବଉଲକଣି ପଞ୍ଚାୟତରୁ ଫେରିନି ୪,୦୨,୧୦୦ ଅଗ୍ରୀମ ଭତ୍ତା ଟଙ୍କା

ମହାକାଳପଡ଼ା,୧୩।୩(ସମିସ): ମହାକାଳପଡ଼ା ବ୍ଲକରେ ଏବେ ଅଗ୍ରୀମ ଭତ୍ତା ଟଙ୍କାକୁ ନେଇ ହଟଚମଟ ସୃଷ୍ଟି ହୋଇଛି। ସୂଚନା ଅଧିକାର ଆଇନରେ ମିଳିଥିବା ୧୭ଟି ପଞ୍ଚାୟତର ତଥ୍ୟ କହୁଛି ବର୍ତ୍ତମାନ ସୁଦ୍ଧା ୯୪,୭୦,୪୫୮ ଭତ୍ତା ଟଙ୍କା ଅଗ୍ରୀମ ନେଇଥିବା ସରପଞ୍ଚ, ପିଇଓ ଓ ଏଡିଇଓଙ୍କ ନିକଟରେ ରହିଛି। ବଉଲକଣୀ ପଞ୍ଚାୟତରେ ୪,୦୨,୧୦୦ ଭତ୍ତା ଟଙ୍କା ଅଗ୍ରୀମ ଆକାରରେ ଯାଇ ସରକାରୀ ଖାତାକୁ ଫେରିନି। ସେଥିମଧ୍ୟରୁ ପୂର୍ବତନ ସରପଞ୍ଚ ସୁଜାତା ସାମଲଙ୍କ ପାଖରେ ସର୍ବାଧିକ ୨,୬୨,୧୦୦ ରହିଥିବାବେଳେ ପୂର୍ବତନ ପିଇଓ ରମାକାନ୍ତ ଦାସଙ୍କ ପାଖରେ ୭୦,୦୦୦, ପୂର୍ବତନ ପିଇଓ ଶ୍ରୀଚରଣ ବାରିକଙ୍କ ପାଖରେ ୧୫,୭୦୦ ଟଙ୍କା ଓ ପଙ୍କଜିନୀ ବାରିକଙ୍କ ପାଖରେ ୫୪,୩୦୦ ଟଙ୍କା ରହିଛି ବୋଲି ସୂଚନା ମିଳିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ସରକାରୀ ଟଙ୍କା ସରକାରୀ ଖାତାକୁ ତୁରନ୍ତ ଫେରାଇ ଆଣିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

# ବୋଟ୍‌ରେ ମତ୍ସ୍ୟଜୀବୀଙ୍କ ମୃତଦେହ

ରାଜନଗର,୧୩।୩(ସମିସ): ତାଳଚୁଆ ଜେଟିଠାରୁ ମାତ୍ର ୩୦୦/୪୦୦ ମିଟର ବୈତରଣୀ ନଦୀ ମଧ୍ୟରେ ଲଙ୍ଗର ପକାଇ ରହିଥିବା ବୋଟରେ ରହିଛି ମୃତଦେହ। ଏ ଖବର ଜଣାପଡିବା ପରେ ଘାଟ ନିକଟରେ ଲୋକଙ୍କ ଭିଡ ଜମିଛି। ପୁଲିସ ପହଞ୍ଚି ବୋଟ ଯୋଗେ ନଦୀ ମଧ୍ୟକୁ ଯାଇ ମୃତଦେହ ଥିବା ବୋଟକୁ କୂଳକୁ ଆଣିଛି। ବାଘମାରି ଗାଁର ଶକ୍ତିପଦ ମାଇତିଙ୍କ ବୋଟ ଗତକାଲି ତାଳଚୁଆ ନିକଟରେ ବୈତରଣୀ ନଦୀର କୂଳଠାରୁ ମାତ୍ର ୩୦୦/୪୦୦ ମିଟର ଦୂରରେ ମାଛ ଧରୁଥିଲା। ଶକ୍ତିପଦଙ୍କ ଭାଇ ରାଧାମାଳୀପୁର ଗାଁର ଗଙ୍ଗାଧର ମାଇତି ନଦୀରେ ଜାଲ ପକାଇ ବୋଟକୁ ଲଙ୍ଗର କରି ରହିଥିଲେ। ଆଜି ଫୋନ ନ ଉଠାଇବାରୁ ପରିବାର ଲୋକେ ଅନ୍ୟ ବୋଟ ନେଇ ବୋଟ ପାଖକୁ ଯାଇଥିଲେ। ବୋଟରେ ଗଙ୍ଗାଧର ମରିପଡିଥିବା ଦେଖିଥିଲେ। ଖବର ପାଇ ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ସନ୍ଧ୍ୟାରାଣୀ ଜେନା ପହଞ୍ଚି ବୋଟକୁ କୂଳକୁ ଆଣିଛନ୍ତି। ବୋଟରୁ ଗଙ୍ଗାଧରଙ୍କୁ ଉଦ୍ଧାର କରାଯାଇ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ଆସନ୍ତାକାଲି ବ୍ୟବଚ୍ଛେଦ କରାଯିବ।

# ଦୁଇଜଣଙ୍କୁ ଉଦ୍ଧାର କରି ନିଜେ ବୁଡ଼ିଗଲେ ପୀତବାସ

ପଟ୍ଟାମୁଣ୍ଡାଇ,୧୩।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଆଜି ମଧ୍ୟାହ୍ନରେ ଶ୍ରୀରାମପୁର ନିକଟସ୍ଥ ବ୍ରାହ୍ମଣୀ ନଦୀରେ ପୂଜା ମଲିକ (୧୫) ଓ ପରୀ ମଲିକ (୧୨) ନାମକ ଦୁଇ ନାବାଳିକା ଗାଧୋଉ ଥିବାବେଳେ ପାଣିରେ ବୁଡ଼ିଯାଇଥିଲେ। ଝିଅ ଦୁଇଜଣଙ୍କ ଚିତ୍କାର ଶୁଣି ପାଖରେ ଥିବା ସେହି ଗ୍ରାମର ପୀତବାସ ପରିଡା (୬୨) ପାଣି ଭିତରକୁ ଡେଇଁ ଉଭୟଙ୍କୁ ଉଦ୍ଧର କରିବା ପାଇଁ ଉଦ୍ୟମ କରିଥିଲେ। ବହୁ ଚେଷ୍ଟା କରି ପୀତବାସ ଦୁଇ ଝିଅଙ୍କୁ ପାଣିରୁ ଠେଲି କୂଳକୁ ପଠାଇବା ପରେ ନିଜେ କୂଳକୁ ଫେରି ନ ପାରି ପାଣିରେ ବୁଡ଼ିଯାଇଥିଲେ। ଖବର ପାଇ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ଓ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ପହଞ୍ଚି ନଦୀରେ ଖୋଜାଖୋଜି ଜାରି ରଖିଥିଲେ ବି ସନ୍ଧ୍ୟା ପର୍ଯ୍ୟନ୍ତ ପୀତବାସଙ୍କ ପତ୍ତା ମିଳିପାରିନାହିଁ। ଆସନ୍ତାକଲି ସକାଳେ ପୁନଶ୍ଚ ପୀତବାସଙ୍କୁ ଖୋଜାଖୋଜି କରାଯିବ ବୋଲି ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ଅଧିକାରୀ ଗଗନ ବିହାରୀ ମହାନ୍ତି ପ୍ରକାଶ କରିଛନ୍ତି। ପୂଜା ଓ ପରୀଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କେନ୍ଦ୍ରାପଡା ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## କୃତ୍ରିମ ବୁଦ୍ଧିମତ୍ତା କ୍ଷମତା ବିକାଶ ପାଇଁ ଦିନିକିଆ କର୍ମଶାଳା
# ପ୍ରଶାସନିକ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଏଆଇ ଟୁଲ୍ସ ବ୍ୟବହାରକୁ ଗୁରୁତ୍ୱ

କେନ୍ଦ୍ରାପଡ଼ା, ୧୩।୩ (ସମିସ):




ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କୁ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ ଜ୍ଞାନ ଓ କୌଶଳରେ ସମୃଦ୍ଧ କରିବା ଉଦ୍ଦେଶ୍ୟରେ "ଏଆଇ ଟୁଲସ ଫର ଅପରେସନାଲ ଏକ୍ସଲେନ୍ସ' ବିଷୟରେ ଦିନିକିଆ କ୍ଷମତା ବିକାଶ କର୍ମଶାଳା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଓ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର ସହଯୋଗରେ ଆୟୋଜିତ କର୍ମଶାଳାର ମୂଳ ଉଦ୍ଦେଶ୍ୟ ଥିଲା ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଏଆଇ ଆଧାରିତ ଟୁଲ୍ସ ବ୍ୟବହାର ସମ୍ପର୍କରେ ପରିଚିତ କରାଇ ପ୍ରଶାସନିକ କାର୍ଯ୍ୟଦକ୍ଷତା ଓ ସରକାରୀ ସେବା ପ୍ରଦାନ ପ୍ରଣାଳୀକୁ ଆହୁରି ସୁଦୃଢ଼ କରିବା। କର୍ମଶାଳାରେ ବିଭିନ୍ନ ଏଆଇ ଉପକରଣର ପ୍ରାୟୋଗିକ ବ୍ୟବହାର ତଥ୍ୟ ବିଶ୍ଳେଷଣ, ଦଲିଲ ପ୍ରସ୍ତୁତି, ସଂଯୋଗ ବ୍ୟବସ୍ଥା ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଏଆଇର ଭୂମିକା ସମ୍ପର୍କରେ ଅଧିକାରୀଙ୍କୁ ଅବଗତ କରାଯାଇଥିଲା।

ଜିଲ୍ଲାପାଳ ରଘୁରାମ ଆର. ଆୟର କର୍ମଶାଳାକୁ ଉଦଘାଟନ କରିଥିଲେ। ସେ କହିଥିଲେ, ଆଧୁନିକ ପ୍ରଯୁକ୍ତିର ସଠିକ୍ ବ୍ୟବହାର ମାଧ୍ୟମରେ ପ୍ରଶାସନିକ କାର୍ଯ୍ୟକୁ ଆହୁରି ଦ୍ରୁତ, ସ୍ୱଚ୍ଛ ଓ କ୍ଷମତାଶୀଳ କରାଯାଇପାରିବ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭାତ ବିଶ୍ୱାଳ, ଉପଜିଲ୍ଲାପାଳ ଅରୁଣ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମନୋରଞ୍ଜନ ରାଉତ, ଡିଏସପି ଡିଆଇଭି ଲକ୍ଷ୍ମୀନାରାୟଣ ତିୱାରୀ, ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଡିଇଜିଏମ ଜ୍ଞାନରଞ୍ଜନ ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ, ଡିଡି ପ୍ଲାନିଂ ଆରତୀ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ସହ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ଓ ରଞ୍ଜନ ଦାସ ଉପସ୍ଥିତ ଥିଲେ। ଓକେସିଏଲର ସୌମ୍ୟ ଶୁଭମ ରାଉତ ଓ ବିଶ୍ୱଜିତ ମିଶ୍ର କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ ବିଭିନ୍ନ ପ୍ରାୟୋଗିକ ପ୍ରସଙ୍ଗରେ ତାଲିମ ପ୍ରଦାନ କରିଥିଲେ।

# ରନ୍ଧନ ଗ୍ୟାସ୍ ମୂଲ୍ୟବୃଦ୍ଧିର ପ୍ରତିବାଦରେ ବିକ୍ଷୋଭ

ଜଗତସିଂହପୁର,୧୩।୩(ସମିସ): ଏଲ୍‌ପିଜି ବା ରନ୍ଧନ ଗ୍ୟାସର ମୂଲ୍ୟବୃଦ୍ଧି ଏବଂ ସମ୍ପ୍ରତି ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ନେଇ ରାଜରାସ୍ତାକୁ ଓହ୍ଲାଇଛି ଜଗତସିଂହପୁର ଜିଲ୍ଲା କଂଗ୍ରେସ। ଜିଲ୍ଲା ସଭାପତି ଦେବପ୍ରସାଦ ନାୟକଙ୍କ ନେତୃତ୍ୱରେ ଆଜି କଂଗ୍ରେସ ନେତା ଓ କର୍ମୀମାନେ ଜଗତସିଂହପୁର ସହରର ଟାଉନହଲ ଠାରେ ଏକ ପ୍ରତିବାଦ ସଭା କରିଥିଲେ। ପରେ ଟାଉନହଲ ଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ପ୍ରତିବାଦ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ଗ୍ୟାସ ଦର ବଢ଼ିବା ଓ ଅଭାବି ବିକ୍ରି ଯୋଗୁଁ ସାଧାରଣ ଲୋକ ଗ୍ୟାସ କିଣିବା କଷ୍ଟକର ହୋଇପଡିଛି। ଏହାର ପ୍ରତିବାଦରେ ପ୍ରତିତାତ୍ମକ ଭାବେ କୋକେଇରେ ଏକ ଗ୍ୟାସ ସିଲିଣ୍ଡରକୁ କାନ୍ଧେଇ 'ରାମ ନାମ ସତ୍ୟ ହେ ହରି ନାମ ସତ୍ୟ ହେ' ସ୍ଲୋଗାନ ଦେଇ, ସରକାରଙ୍କ ବିରୋଧରେ ନାରାବାଜି ସହ ବଜାର ପରିକ୍ରମା କରି ଏକ ଅଭିନବ ପ୍ରତିବାଦ କରାଯାଇଥିଲା। ତତ୍‌ସହିତ ଏଲ୍‌ପିଜି ଗ୍ୟାସର ଦର ନିୟନ୍ତ୍ରଣ କରିବା, ଜିଲ୍ଲାରେ ରନ୍ଧନ ଗ୍ୟାସ କଳାବଜାରକୁ ରୋକି ଅଭାବି ବିକ୍ରିକୁ ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଏଥିରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ, ରାଜ୍ୟ ମହିଳା କଂଗ୍ରେସ ଉପ ସଭାପତି ପ୍ରତିମା ମଲ୍ଲିକ, ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ଅମ୍ବିକା ପ୍ରସାଦ ଦାସ, ଧ୍ୱଜରାଜ ଖଣ୍ଡୁଆଳ, ଅଶ୍ୱିନୀ ସ୍ୱାଇଁ, ସାଧାରଣ ସମ୍ପାଦକ ଶୁଭ ନାରାୟଣ ନାୟକ, ଧନଞ୍ଜୟ ସୂତାର, ସମ୍ପାଦକ ରୂପଶ୍ରୀ ରାଗିଣୀ ଦାଶ, ବସନ୍ତ ନାୟକ, ଦିଲ୍ଲିପ ମାହାର, ଜିତୁ ନାରାୟଣ ସାହୁ, ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନରଞ୍ଜନ ପୃଷ୍ଟି, ତିର୍ତ୍ତୋଲ ବ୍ଲକ କଂଗ୍ରେସ ସଭାପତି ସଫି ଆଜମ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ପାରାଦୀପ ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳ, ଏସି ସେଲ ସଭାପତି ଲକ୍ଷ୍ମୀଧର ମଲ୍ଲିକ, ମହନି ଚରଣ ରାଉତ, ନିହାର ରଞ୍ଜନ ଦାସ, ନାରାୟଣ ନାୟକ, ସରସ୍ୱତୀ ସାହୁ, ଅନସୂୟା ପ୍ରଧାନ, ପ୍ରିତମ ପରିଜା, ସୋରୂପ କାନୁନଗୋ, ରଞ୍ଜିତ କୁମାର ସେଠୀ, ସାଇ ପ୍ରଭଞ୍ଜନ ମହାପାତ୍ରଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।



# ତୈଳ ଓ ରନ୍ଧନ ଗ୍ୟାସ୍ ନ ମିଳିବା ଗୁଜବକୁ ନେଇ ଜରୁରୀ ବୈଠକ



ଜଗତସିଂହପୁର,୧୩।୩(ସମିସ): ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ତୈଳ ଓ ରନ୍ଧନ ଗ୍ୟାସର ଆବଶ୍ୟକୀୟ ଗଚ୍ଛିତର ନିଶ୍ଚିତତାକୁ ନେଇ ଏକ ଜରୁରକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ଆସନ୍ତା ୧୫/୨୦ଦିନ ଯାଏଁ ରନ୍ଧନ ଗ୍ୟାସର ଅଭାବ ରହିବ ନାହିଁ। ବର୍ତ୍ତମାନ ଓଡ଼ିଶାରେ ଆବଶ୍ୟକ ପରିମାଣର ରନ୍ଧନ ଗ୍ୟାସ ଗଚ୍ଛିତ ରହିଛି। ରନ୍ଧନ ଗ୍ୟାସ୍ ଅଭାବକୁ ନେଇ ଗୁଜବରେ ଭୟଭୀତ ନ ହେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଭାରତ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ବର୍ତ୍ତମାନ ଗ୍ୟାସ ବୁକିଂର ବ୍ୟବଧାନକୁ ୨୧ ଦିନରୁ ବଢ଼ାଯାଇ ୨୫ ଦିନ ରଖାଯାଇଛି। ଯଦି ଭବିଷ୍ୟତରେ କିଛି ଅଭାବନୀୟ ପରିସ୍ଥିତି ଆସେ ପ୍ରଥମତଃ ଜନମଙ୍ଗଳକାରୀ ଯୋଜନାରେ ଜଡ଼ିତ ଯଥା- ଡାକ୍ତରଖାନା, ବିଦ୍ୟାଳୟ, ଛାତ୍ରାବାସ, ଆହାର କେନ୍ଦ୍ର, ଜେଲ, ଅଙ୍ଗନବାଡ଼ି କେନ୍ଦ୍ର ଓ ବୃଦ୍ଧାଶ୍ରମ ଭଳି ସ୍ଥାନକୁ ପ୍ରାଥମିକତା ଦିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ସେହିପରି ତୈଳ ଅଭାବକୁ ନେଇ ଆମେ ସ୍ୱଳ୍ପ ମାତ୍ର ଭୟଭୀତ ହେବାର ଆବଶ୍ୟକତା ନାହିଁ; କାରଣ ଯଥେଷ୍ଟ ପରିମାଣର ତୈଳ ଗଚ୍ଛିତ ରହିଛି। ଯେଉଁମାନେ କଳାବଜାରୀ କରିବେ ବା ବେଆଇନ ଭାବେ ଗଚ୍ଛିତ ରଖିବେ ତାଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଥିଲେ। ବୈଠକରେ ଉପସ୍ଥିତ ରହି ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା କହିଥିଲେ ବର୍ତ୍ତମାନ ଗଚ୍ଛିତ ଥିବା ରନ୍ଧନ ଗ୍ୟାସ ଚାହିଦା ପୂରଣ ପାଇଁ ଯଥେଷ୍ଟ। ଭୟଭୀତ ନ ହୋଇ ସାଧାରଣ ଜନତା ସଚେତନ ରୁହନ୍ତୁ। ଏହି ସମୟ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ହୋଇଥିବାରୁ ସାଇବର ଅପରାଧର ଆଶଙ୍କା ରହିଛି ଏବଂ ଏଥି ପ୍ରତି ସମସ୍ତେ ସଜାଗ ରହିବାକୁ ସେ ପରାମର୍ଶ ଦେଇଥିଲେ। ବର୍ତ୍ତମାନ କେବଳ ଘରୋଇ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ନାଲି ରଙ୍ଗର ସିଲିଣ୍ଡରର ପୁନଃପୂରଣ କରାଯାଉଛି। କୌଣସି ଅପ୍ରୀତିକର ପରିସ୍ଥିତି ପାଇଁ ନିକଟସ୍ଥ ଥାନାକୁ ଯୋଗାଯୋଗ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଉପଆରକ୍ଷୀ ଅଧିକ୍ଷକ ଅଜିଙ୍କ୍ୟା ବାବୁରାଓ ମାଣେ, ଜିଲ୍ଲା ଯୋଗାଣ ଅଧିକାରୀ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ, ଡେପୁଟି ସିଇଓ, ଓରମାସ୍, ଜିଲ୍ଲାସ୍ତରୀୟ ଅଧିକାରୀ, ଯୋଗାଣ ବିଭାଗର ଏମଆଇ, କର୍ମଚାରୀ, ପେଟ୍ରୋଲ ଓ ରନ୍ଧନ ଗ୍ୟାସର ଡିଷ୍ଟ୍ରିବ୍ୟୁଟର ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳକକୁ ନିର୍ଯାତନା ଦେଇ ଦୁଇ ଗିରଫ

କୁଜଙ୍ଗ,୧୩।୩(ସମିସ): ସମାଜରେ ଯୁବତୀ ଏକୁଟିଆ ଯିବାକୁ ଡରୁଥିଲେ; ମାତ୍ର ନିରୀହ ବାଳକ ମାନଙ୍କୁ ବି ଛାଡୁ ନାହାଁନ୍ତି ନର ପିଶାଚ। ଜଣେ ୧୨ ବର୍ଷର ନାବାଳକ ସପ୍ତମ ଶ୍ରେଣୀ ଛାତ୍ର ପ୍ରତି ଜୋର ଜବରଦସ୍ତ ଅପ୍ରାକୃତିକ ଯୌନ ସଂପର୍କ ରଖିବା ଉପରେ ଅଭିଯୋଗ ପାଇ କୁଜଙ୍ଗ ପୁଲିସ ୨ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ କୁଜଙ୍ଗ ଥାନା ଅନ୍ତର୍ଗତ ତେନ୍ତୁଲିଆ ଗ୍ରାମର ଜନୈକ ସପ୍ତମ ଶ୍ରେଣୀ ଛାତ୍ର ଗତ ସୋମବାର ୧୨ ଟା ବେଳେ ସ୍କୁଲରୁ ଘରକୁ ଫେରିବା ସମୟରେ ଗଡ଼ା ନିକଟରେ ନିରୋଳା ଦେଖି ସେହି ଗ୍ରାମର ବଳରାମ ଖୁଣ୍ଟିଆ ଓ ରାଜେଶ ରୋଶନ ଦାସ (ବାପୁଲ) ତା' ପାଟି ବନ୍ଦ କରି ଏକ ନିଛାଟିଆ ପଡ଼ିଆକୁ ଟେକି ନେଇ ଜୋର ଜବରଦସ୍ତ ଅପ୍ରାକୃତିକ ଯୌନ ସଂପର୍କ ରଖିଥିଲେ। ନାବାଳକ ଜଣଙ୍କ ଚିତ୍କାର କରିବାରୁ ସେମାନେ ମାରି ଦେବାର ଧମକ ଦେଇଥିଲେ। ମାତ୍ର ଏହି ସମୟରେ ଦୁଇ ଜଣ ଅଚିହ୍ନା ବାଟୋଇ ଯାଉଥିବା ଦେଖି ଦୁଇ ନର ପିଶାଚ ଛାଡ଼ି ପଳାଇଯିବାରୁ ନାବଳକଟିର ଜୀବନ ରକ୍ଷା ହୋଇଯାଇଥିଲା। ଘରକୁ ଯାଇ ନାବାଳକ ଜଣଙ୍କ ସମସ୍ତ ଘଟଣା ତାର ମା'କୁ ଜଣାଇଥିଲେ। ହେଲେ ନାବାଳକର ବାପା ଘରେ ନଥିବାରୁ ମା' ଚୁପ ରହିଥିଲା। ଦୁଇ ଯୌନ ରାକ୍ଷସ ପୁନର୍ବାର ବୁଧବାର ମଧ୍ୟାହ୍ନରେ ପୀଡ଼ିତ ନାବାଳକ ଘର ନିକଟରେ ପହଞ୍ଚି ତାର ମା'କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ଟଣାଓଟରା କରିବାରୁ ସେ କବାଟ ଦେଇ ଘରେ ପଶି ଯାଇଥିଲେ। ପରେ ଏ ସମ୍ପର୍କରେ କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ କେସ ନମ୍ବର ୮୦/୨୬ ରେ ମକଦ୍ଦମା ରୁଜୁ କରି ଉଭୟ ବଳରାମ ଓ ବାପୁଲଙ୍କୁ ଗିରଫ କରିବା ସହ ଆଜି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

# ବାଲି ଓ ଇଟା ମିଳୁନି; ନିର୍ମାଣ କାର୍ଯ୍ୟ ଠପ୍

ତିର୍ତ୍ତୋଲ,୧୩।୩(ସମିସ): ବେଆଇନ ବାଲି ଚାଲାଣ ଯୋଗୁ ତିନି ମାସ ତଳେ ଜିଲ୍ଲା ପ୍ରଶାସନ ଦ୍ୱାରା ତିର୍ତ୍ତୋଲରେ ବାଲିଘାଟ ଗୁଡ଼ିକରେ ଅତର୍କିତ ଚଢ଼ଉ କରାଯାଇ ବନ୍ଦ କରାଯାଇଥିଲା। ସେହିପରି ଆବଶ୍ୟକୀୟ କାଗଜପତ୍ର ନଥିବା ଯୋଗୁ ତିର୍ତ୍ତୋଲର ମହାନଦୀ ପଠାରେ ଗଢ଼ି ଉଠିଥିବା ୬ରୁ ଊର୍ଦ୍ଧ୍ୱ ଚିମ୍‌ନୀ ଇଟା ଭାଟି ଉପରେ ପ୍ରଶାସନ ଚଢ଼ଉ କରାଯାଇ ବନ୍ଦ କରାଯାଇଛି। ଫଳରେ ତିର୍ତ୍ତୋଲରେ ଚିମନୀ ଇଟା ଉତ୍ପାଦନ ବନ୍ଦ ରହିଛି। ଉଭୟ ବାଲି ଘାଟ ଓ ଚିମନୀ ଲାଲି ଇଟା ଦୁର୍ମୂଲ୍ୟ ପାଲଟିଛି। ସାଧାରଣ ଲୋକଙ୍କ ପାଇଁ ନିର୍ମାଣ କାର୍ଯ୍ୟ କରିବା କଷ୍ଟ ସାଧ ହୋଇପଡିଛି। ଇଟା ଓ ବାଲିର ମୂଲ୍ୟ ଅହେତୁକ ବୃଦ୍ଧି ଯୋଗୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରୁଥିବା ହିତାଧିକାରୀ ମାନେ ଅସୁବିଧା ଭୋଗ କରୁଛନ୍ତି। ଆଜି ଏହାକୁ ନେଇ ତିର୍ତ୍ତୋଲ ନିକଟ ବନ୍ଧଭାଟି ଠାରେ ସ୍ଥାନୀୟ ଅଞ୍ଚଳର ରଞ୍ଜନ କୁମାର ସ୍ୱାଇଁ, ଉପେନ୍ଦ୍ର ସାହୁ, ତ୍ରିଲୋଚନ ମଲ୍ଲିକ, ପବିତ୍ର ସ୍ୱାଇଁ, ବିଭୂତି ଭୂଷଣ ମଲ୍ଲିକ, ସନ୍ତୋଷ ମହାନ୍ତି, ବିମଳ ସ୍ୱାଇଁ, ସଚେତନ ନାଗରିକ ଓ ଜନସାଧାରଣ ଏକ ସାମ୍ବାଦିକ ସମ୍ମିଳନୀରେ ବାଲିଘାଟ ଓ ଚିମନୀ ଭାଟି ବନ୍ଦ ପରେ ବାଲି ଓ ଇଟା ଦରର ଅହେତୁକ ବୃଦ୍ଧି ପାଉଛି। ସାଧାରଣ ଲୋକଟିଏ ଘର ନିର୍ମାଣ କରିବା ପାଇଁ ଦହଗଞ୍ଜ ହେଉଛି ବୋଲି ଅଭିଯୋଗ କରିଥିଲେ। ତୁରନ୍ତ ସାଧାରଣ ଲୋକ କିପରି ଉଚିତ୍ ମୂଲ୍ୟରେ ବାଲି ଓ ଇଟା ପାଇ ପାରିବେ ସେ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି କରିଥିଲେ।

# ଜିଲ୍ଲାସ୍ତରୀୟ କିସାନ ସମ୍ମାନ ସମାରୋହ

ଜଗତସିଂହପୁର,୧୩।୩(ସମିସ): ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମର ଗୌହାଟୀଠାରେ ଆୟୋଜିତ ପିଏମ୍ କିସାନ ସମ୍ମାନନିଧିର ୨୨ତମ କିସ୍ତି ପ୍ରଦାନ କରିଛନ୍ତି। ଏହି ଅବସରରେ ଜଗତସିଂହପୁର ଜିଲ୍ଲା ମୁଖ୍ୟାଳୟର ଆଦିକବି ସାରଳା ଦାସ ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ କିସାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜଗତସିଂହପୁର ଜିଲ୍ଲାର ମୋଟ ୧,୧୯,୫୪୨ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହୋଇଛି ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ଯୋଜନାରେ ଚାଷୀଙ୍କୁ ସହାୟତା ରାଶି ଭାବରେ ବର୍ଷକୁ ୬୦୦୦ ଟଙ୍କା ତିନିଟି କିସ୍ତି ମାଧ୍ୟମରେ ପ୍ରଦାନ କରାଯାଇ ଥାଏ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କୁଳମଣୀ ବାରିକ, କେଭିକେ ବୈଜ୍ଞାନିକ, କୃଷି ଜିଲ୍ଲା ଅଧିକାରୀ, ତିର୍ତ୍ତୋଲ ବ୍ଲକ୍ କୃଷି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଉଡ଼ାନ୍ ଆନ୍ତଃ ଗ୍ରାମୀଣ କ୍ରିକେଟ୍ ପ୍ରିମିୟର ଲିଗ୍




ପାରାଦୀପ,୧୩।୩(ସମିସ): ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ପାରାଦୀପ ଗଡ଼ଠାରେ ଆୟୋଜିତ "ଉଡାନ୍' ଆନ୍ତଃ ଗ୍ରାମୀଣ କ୍ରିକେଟ୍ ପ୍ରିମିୟର ଲିଗ୍‌ର ତୃତୀୟ ସଂସ୍କରଣରେ ପାରାଦୀପଗଡ଼ ଟିମ୍ ଚାମ୍ପିଅନ୍ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ନୂଆଗଡ଼, ବାଲିଡିଆ, ହାଣ୍ଡିଆ, ମୂଷାଡିଆ, ସିଙ୍ଗିଟାଳି, ପାରାଦୀପଗଡ଼, ଚକ୍ରଧରପୁର, ଭୁତମୁଣ୍ଡାଇ, ପିପଳ, ଭୀମାନାସୀ, ବିଜୟଚାନ୍ଦପୁର ଓ ଫୁଲବେଲାରୀ ସମେତ ୧୨ଟି ଗ୍ରାମର ୧୨ଟି ଦଳ ଅଂଶଗ୍ରହଣ କରିଥିଲେ।

ସ୍ଥାନୀୟ ଯୁବବର୍ଗମାନଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ, ଏଏମ୍ /ଏନଏସ୍ ଇଣ୍ଡିଆ ସିଏସ୍‌ଆର୍ ପଦକ୍ଷେପ 'ଉଡାନ୍' ଅଧୀନରେ ଆୟୋଜିତ ଏହି ଦିବାରାତ୍ରି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟକୁ ଏଏମ୍/ ଏନ୍‌ଏସ୍ ଇଣ୍ଡିଆ ସିଏସ୍‌ଆର ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ, ବରିଷ୍ଠ ଓକିଲ ସଞ୍ଜୟ ବେହେରା, ଏଏମ୍/ଏନ୍‌ଏସ୍ ଇଣ୍ଡିଆର ବରିଷ୍ଠ ଅଧିକାରୀ, ସମସ୍ତ ଦଳର ଖେଳାଳି ଏବଂ କର୍ମଚାରୀ ଏବଂ ସ୍ଥାନୀୟ କ୍ରୀଡା ପ୍ରେମୀଙ୍କ ଉପସ୍ଥିତିରେ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଗତ ମାର୍ଚ୍ଚ ୧୧ରେ ଖେଳାଯାଇଥିବା ସେମିଫାଇନାଲ ମ୍ୟାଚରେ ଭୁତମୁଣ୍ଡାଇ ନୂଆଗଡ଼କୁ ୪୩ ରନରେ ପରାସ୍ତ କରିଥିବା ବେଳେ ପାରାଦୀପଗଡ଼ ୪୮ ରନରେ ବାଲିଡିଆକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଆୟୋଜିତ ୧୦-୧୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ପାରାଦୀପଗଡ଼ ଭୁତମୁଣ୍ଡାଇ ଦଳକୁ ୨୫ ରନ୍‌ରେ ପରାସ୍ତ କରିଥିଲା। ଉଦଯାପନୀ ଖେଳରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପାରାଦୀପ ପେଲେଟ ପ୍ଲାଣ୍ଟର ବରିଷ୍ଠ ଅଧିକାରୀ ଯଥା ଇଲେକ୍ଟ୍ରିକାଲ ବିଭାଗ ମୁଖ୍ୟ କେଦାର ପଟ୍ଟନାୟକ, ମେକାନିକାଲ ବିଭାଗ ମୁଖ୍ୟ ପାର୍ଥପ୍ରତିମ ଚାଟାର୍ଜୀ, ପ୍ରଡକ୍ସନ୍ ବିଭାଗ ସେକ୍ସନ ହେଡ୍ ଶିବା କ୍ରୀଷ୍ଣାଜୀଙ୍କ ସହିତ ସଞ୍ଜୟ ବେହେରା ଉପସ୍ଥିତ ଥିଲେ। ପାରାଦୀପଗଡ଼ ଦଳର ରଣଜିତ ଦାସ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ବିବେଚିତ ହୋଇଥିବା ବେଳେ ସେହି ଦଳର କୁମାର ବଣ୍ଟି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠବୋଲରପୁରସ୍କାରହାସଲକରିଥିଲେ।

# ସିଆଇଆଇ ଅଧ୍ୟକ୍ଷ ଭାବେ ଅନିଲ ସିଂହଙ୍କ ନିଯୁକ୍ତି




ପାରାଦୀପ,୧୩।୩(ସମିସ): ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡର ଅଧ୍ୟକ୍ଷ ଅନିଲ କୁମାର ସିଂହ କନଫେଡରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ଓଡିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟସଚିବ ଅନୁ ଗର୍ଗ ଓ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିଲେ। ତାଙ୍କର ଉଦ୍‌ବୋଧନରେ ଶ୍ରୀ ସିଂହ ଓଡ଼ିଶାର ଆର୍ଥିକ ଉନ୍ନତିକୁ ପ୍ରଶଂସା କରିଥିଲେ। ଶ୍ରୀ ସିଂହ ତାଙ୍କ ଅଧ୍ୟକ୍ଷତାକାଳୀନ ସମୟରେ ଶିଳ୍ପ ଓ ସରକାର ମଧ୍ୟରେ ସମନ୍ୱୟ ବୃଦ୍ଧି, ନବୀନତାକୁ ଉତ୍ସାହିତ କରିବା ଓ କୌଶଳ ଉନ୍ନତିକୁ ମଜବୁତ କରି ରାଜ୍ୟର ଉନ୍ନତିକୁ ଆଗେଇ ନେବାରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

# ବୃହତ ବନ୍ଦର ବ୍ୟାଡ୍‌ମିଟନ ପ୍ରତିଯୋଗିତାରେ ପାରାଦୀପ ବିଜୟୀ

ପାରାଦୀପ,୧୩।୩(ସମିସ): ୪୪ତମ ସର୍ବଭାରତୀୟ ବୃହତ ବନ୍ଦର ବ୍ୟାଡ୍‌ମିଟନ ପ୍ରତିଯୋଗିତା ଦିନଦୟାଲ ପୋର୍ଟ ଅଥରିଟିରେ ଆୟୋଜିତ ହୋଇଯାଇଛି। ଏଥିରେ ପାରାଦୀପ ବନ୍ଦରର ପ୍ରତିଯୋଗୀ ମାନେ ଐତିହାସିକ ବିଜୟ ହାସଲ କରିଛନ୍ତି। ମହିଳା ବିଭାଗରେ ବବଲି ମାଝୀ, ଡ. କୁମାରୀ ଗୀତାଞ୍ଜଳି ଓ ସାବିତ୍ରୀ ପ୍ରିୟଦର୍ଶିନୀ ପାରାଦୀପ ବନ୍ଦରର ମହିଳା ଦଳଗତ ଭାବେ ଚାମ୍ପିଅନ ହୋଇଥିବା ବେଳେ ୪୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ଦଳଗତ ଭାବେ ମାନସ କୁମାର ସେଠୀ, ଦିଲ୍ଲୀପ କୁମାର ବେହେରା, ତ୍ରିଲୋଚନ ଦାସ ଏବଂ ବିଜୟ ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସତ୍ୟଜିତ ବେହେରା, ବବଲୀ ମାଝୀ ମିକ୍ସ-ଡବଲ ଭାବେ ଚମ୍ପିୟାନ ହୋଇଥିଲେ ଓ ମହିଳା ବ୍ୟକ୍ତିଗତ ପ୍ରତିଯୋଗିତାରେ ବବଲି ମାଝୀ, ସାବିତ୍ରୀ ପ୍ରିୟଦର୍ଶିନୀ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।ଏବଂ ବିଜୟ କୁମାର ନାୟକ ୪୫ରୁ ଊର୍ଦ୍ଧ୍ୱ ବିଭାଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ସର୍ବ ଭାରତୀୟ ବୃହତ ବନ୍ଦର ବ୍ୟାଡମିଟନ ପ୍ରତିଯୋଗିତାରେ ପାରାଦୀପ ବନ୍ଦର ଐତିହାସିକ ବିଜୟ ଲାଭ କରିଛି।

# ଗଣ୍ଡଗୋଳ ଘଟଣାରେ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ

କୁଜଙ୍ଗ,୧୩।୩(ସମିସ): ପାରାଦୀପ ଲକ୍ ଥାନା ଅଞ୍ଚଳର ଏକ ମାମଲାରେ କୁଜଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ଦୁଇ ଅଭିଯୁକ୍ତଙ୍କୁ ଆଜି ଦଣ୍ଡାଦେଶ ଦେଇଥିବା ଜଣାପଡିଛି। ପାରାଦୀପ ଲକ୍ ଥାନା ଅନ୍ତର୍ଗତ ବିଶ୍ୱାଳୀ ଗ୍ରାମର ଅଭିଯୋଗ କାରିଣୀ ଜ୍ୟୋସ୍ନାରାଣୀ ମଣ୍ଡଳ ଗତ ୨୦୨୨ ମସିହା ଅକ୍ଟୋବର ୧୦ ତାରିଖରେ ଏକ ଗଣ୍ଡଗୋଳ ଘଟଣାରେ ପଡ଼ୋଶୀ ରବି ରାଉତ ଓ ସସ୍ମିତା ରାଉତଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ସ୍ଥାନୀୟ ଥାନାରେ ୩୧୭/୨୨ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଆଜି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ରାଜେଶ ମିଶ୍ର ଏହି ମାମଲାର ବିଚାର କରି ଏହି ମାମଲାରେ ରହିଥିବା ଧାରା ୩୨୩ର ବିଚାର କରି ଦୁଇ ଅଭିଯୁକ୍ତଙ୍କୁ ୫ ଶହ ଟଙ୍କା ଲେଖାଏ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଥିବା ଜଣାପଡିଛି। ସରକାରୀ ଓକିଲ କରୁଣାକର ସାହୁ ମାମଲା ପରିଚାଳନା କରିଥିଲେ।

# ନାଟକ ପରିବେଷଣ ପାଇଁ ପ୍ରସ୍ତୁତି ବୈଠକ

ପାରାଦୀପ,୧୩।୩(ସମିସ): ଚଳିତ ବର୍ଷ ପାରାଦୀପ ଉପକଣ୍ଠ ଚୁନ-କତକୁଲା ଗ୍ରାମରେ ପରିବେଷଣ ହେବ ତିନୋଟି ନାଟକ। ଏନେଇ ଗ୍ରାମର ଯୁବକମାନଙ୍କ ପକ୍ଷରୁ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ବିଭିନ୍ନ ଗ୍ରାମରେ ପ୍ରତ୍ୟେକ ବର୍ଷ ପର୍ବପର୍ବାଣୀରେ ଡ୍ରାମା ପରିବେଷଣ ହେଉଥିଲା। ଏହି ଡ୍ରାମା ଗ୍ରାମରେ ଭାଇଚାର ସୃଷ୍ଟି କରିବା ସହିତ ଯୁବକମାନଙ୍କୁ ଏକାଠି ହୋଇ ଗ୍ରାମର କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବାର ପ୍ରେରଣା ଦେଉଥିଲା। ସେହି ପରମ୍ପରା ବୁଡିବାକୁ ବସିଥିବା ବେଳେ ପାରାଦୀପ ଉପକଣ୍ଠ କୁଜଙ୍ଗ ବ୍ଲକ ଚୁନ-କତକୁଲା ଗ୍ରାମରେ ଏହାକୁ ବଞ୍ଚାଇ ରଖିବା ପାଇଁ କିଛି ଶିକ୍ଷିତ ଯୁବକ ପ୍ରୟାସ ଜାରି ରଖିଛନ୍ତି। ଚଳିତ ବର୍ଷ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ବାବୁରାମ କଟକିଆଙ୍କ ନିର୍ଦ୍ଦେଶନାରେ ୩ଟି ନାଟକ ପରିବେଷଣ ହେବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଗ୍ରାମର ଆଖଡ଼ାଶାଳରେ ନାଟକର ରିହଲସେଲ ଆରମ୍ଭ ହୋଇଥିବା ବେଳେ ୩ଟି ନାଟକ ଲୋକମାନଙ୍କୁ ମନୋରଞ୍ଜନ କରିବ ବୋଲି ନିର୍ଦ୍ଦେଶକ ଓ ଗ୍ରାମବାସୀ ଆଶାବାଦୀ।

# ରଥ ବେହେରାଙ୍କ ଏକାଦଶାହ ସ୍ମୃତିସଭା




ଜଗତସିଂହପୁର,୧୩।୩(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ବେଗୁନିଆ ଗ୍ରାମରେ ବରିଷ୍ଠ ନାଗରିକ ରଥ ବେହେରାଙ୍କ ଏକାଦଶାହରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ନାରାୟଣ କଂସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ଆଇନଜୀବୀ ବୀର ନାରାୟଣ ପାତ୍ର, ଜୀବନବୀମା ନିଗମର ଅବସରପ୍ରାପ୍ତ ଅଧିକାରୀ ଜୟରାମ ବେହେରା, ସରପଞ୍ଚ ପ୍ରତିନିଧି ସୁଶାନ୍ତ ନାୟକ, ପରିବେଶବିତ କବି ବନମାଳୀ ବେହେରା ଏବଂ ଯୁବନେତା ଭୀମସେନ ମୁଦୁଲି ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ରଥ ବେହେରାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ସ୍ୱର୍ଗତ ବେହେରାଙ୍କ ପୁତ୍ର ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଡ଼ ବନ୍ଧା ଅବସ୍ଥାରେ ହରିଣ ଉଦ୍ଧାର

# ଚିକିତ୍ସା ଅଭାବରୁ ଚାଲିଗଲା ଜୀବନ

ପାରାଦୀପ,୧୩।୩(ସମିସ)

ଢିଙ୍କିଆ ଚାରିଦେଶ ପ୍ରସ୍ତାବିତ କମ୍ପାନୀ ପାଚେରି ଭିତରେ ଶୁଳେଇଠାରେ ସକାଳୁ ଏକ ହରିଣ ଗୋଡ଼ ବନ୍ଧା ଅବସ୍ଥାରେ ଉଦ୍ଧାର ହୋଇଛି। ତେବେ ଉପଯୁକ୍ତ ଚିକିତ୍ସା ଅଭାବରୁ ହରିଣଟିର ମୃତ୍ୟୁ ହୋଇଯାଇଥିବା ଅଭିଯୋଗ ହୋଇଛି।

ଆଜି ସକାଳେ ଗୋଡ଼ ବନ୍ଧା ଅବସ୍ଥାରେ ଏକ ହରିଣ ଛଟପଟ ହେଉଥିବା ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯିବାକୁ ଉଦ୍ୟମ କରିଥିଲେ। କିନ୍ତୁ କମ୍ପାନୀ କର୍ମଚାରୀ ବନ ବିଭାଗ କର୍ମଚାରୀଙ୍କୁ ଫାଟକ ଭିତରକୁ ଯିବାକୁ ଦେଇନଥିଲେ। କିଛି ସମୟ ପରେ ବନ ବିଭାଗ କର୍ମଚାରୀ ବିରକ୍ତି ହୋଇ ଜବରଦସ୍ତ ହରିଣଟିକୁ ଉଦ୍ଧାର କରିବା ବେଳକୁ ହରିଣଟି ଖରାରେ ଛଟପଟ ହୋଇ ଜୀବନ ଚାଲିଯାଇଥିଲା। ତେବେ ଏହି ଅଞ୍ଚଳରେ ବାରମ୍ବାର ଏଭଳି ହରିଣ ମୃତ୍ୟୁ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ସମ୍ବେଦନଶୀଳ ଘଟଣାରେ ବନ ବିଭାଗ କମ୍ପାନୀ କର୍ତ୍ତୃପକ୍ଷଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ନେଇଛି ତାହା ଦେଖିବାକୁ ବାକି ରହିଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଏଠାରେ ପ୍ରଶ୍ନ ଉଠେ କମ୍ପାନୀ ଫାଟକରେ କୌଣସି ବାହାର ଲୋକଙ୍କୁ ଭିତରକୁ ପ୍ରବେଶ କରିବା ନିଷେଧ ଥିବା ବେଳେ କିଏ ପଶି ଏହି ନିରୀହ ହରିଣଟିର ଗୋଡ଼ ବାନ୍ଧିଲା ଏବଂ କେଉଁ ଉଦ୍ଦେଶ୍ୟରେ ତାର ଗୋଡ଼ ବାନ୍ଧି ସେହି ସ୍ଥାନରେ ପକାଇଥିଲା। ଏହାର ସଠିକ ତଦନ୍ତ କରିବାକୁ ଦାବି ହୋଇଛି।



## ମିଲରଙ୍କ ଅଶାଳୀନ ବ୍ୟବହାର ପ୍ରତିବାଦ

# କୃଷକ ନେତାଙ୍କ ଅନଶନ

ଜଗତସିଂହପୁର,୧୩।୩(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରୁଣାବସନ୍ତ ମଣ୍ଡିରେ ଲକ୍ଷ୍ମୀ ଆଗ୍ରୋ ମିଲ୍ ବର୍ତ୍ତିର ମାଲିକ ଚାଷୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଏବଂ ଶାରୀରିକ, ମାନସିକ, ଆର୍ଥିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଅନଶନରେ ବସିଥିଲେ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀପ୍ରାସାଦ ମହାରଣା। ଶ୍ରୀ ମହାରଣାଙ୍କ ଅଭିଯୋଗ ଥିଲା ଯେ ଜଗତସିଂହପୁର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଉପସ୍ଥିତିରେ ଦିନକୁ ଦିନ ଗରିବ ଚାଷୀମାନଙ୍କ ଉପରେ ମିଲର ଅତ୍ୟାଚାର ବୃଦ୍ଧି ପାଉଥିବାର ପରିଲକ୍ଷିତ ହେଉଛି। ମିଲରଙ୍କ ନିର୍ଦ୍ଦେଶରେ ମଣ୍ଡି କର୍ମଚାରୀମାନେ ଚାଷୀମାନଙ୍କୁ ଭୟଭୀତ କରାଇ କ୍ୱିଣ୍ଟାଲ ପିଛା ୫/୧୦ କେଜି ଧାନ ଅବୈଧ ଭାବେ କାଟି ନେଉଛନ୍ତି। ଅଖା କିମ୍ବା ଅଖା ପଇସା ଚାଷୀ ମାନଙ୍କୁ ଦେଉନାହାନ୍ତି। ସରକାରୀ ନିୟମକୁ ଉଲ୍ଲଙ୍ଘନ କରି ସରକାରୀ ଯୋଜନାର ଦୁରୁପଯୋଗ କରୁଛନ୍ତି। ସରକାରୀ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ତେବେ ଶ୍ରୀ ମହାରଣାଙ୍କ ଅଭିଯୋଗର ଗୁରୁତ୍ୱକୁ ଅନୁଭବ କରି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଧାରଣାସ୍ଥଳକୁ ଆସି ରଘୁନାଥପୁର ଥାନା ଅଧିକାରୀଙ୍କୁ ତିନିଦିନ ମଧ୍ୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଲିଖିତ ନିର୍ଦ୍ଦେଶ ଦେଇଥିବା ଜଣାଇବା ସହିତ ଅନଶନ ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ। ଉପଜିଲ୍ଲାପାଳଙ୍କ ଅନୁରୋଧ ସମ୍ମାନ ଜଣାଇ ଆଜିର ଏହି ଅନଶନକୁ ସ୍ଥଗିତ ରଖାଯାଇଥିଲା। ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ୩ ଦିନ ପରେ ପୁନର୍ବାର ଅନଶନରେ ବସିବେ ବୋଲି ଶ୍ରୀ ମହାରଣା ଘୋଷଣା କରିଛନ୍ତି। ଆଜିର ଏହି ଅନଶନ ସମୟରେ ଆଇନଜୀବୀ ବାସୁଦେବ, ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ଜିଲ୍ଲା ସଂଯୋଜକ ଅଶୋକ କୁମାର ସ୍ୱାଇଁ, ଉପଦେଷ୍ଟା ଅଶୋକ ସ୍ୱାଇଁ, ବିଜୟ ପତି, ସାମାଜିକ କର୍ମୀ ସ୍ନେହାଂଶୁ ଜେନା, ପ୍ରମୋଦ ଦାସ, ସୁରେଶ ସାହୁ, ଯୁଧିଷ୍ଠିର ସାହୁ, ରମେଶ ଚନ୍ଦ୍ର ମହାନ୍ତି ପ୍ରଭୃତି ସାମିଲ ଥିଲେ।



● ଜାତୀୟ ରାଜପଥରୁ ହାଇୱା ଚୋରି

# ତିନିଜଣଙ୍କୁ କୋର୍ଟଚାଲାଣ କଲା ପୁଲିସ

**କାମାକ୍ଷାନଗର, ୧୩।୩(ସମିସ):** ୫୩ ନମ୍ବର ଜାତୀୟ ରାଜପଥର କାମାକ୍ଷାନଗର ଥାନା ଅଞ୍ଚଳରୁ ଗତ ୭ ତାରିଖ ଏକ ହାଇୱା ଚୋରି କରିଥିବା ଅଭିଯୋଗରେ ଡକାୟତ ଗ୍ୟାଙ୍ଗର ୩ ସଦସ୍ୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ବ୍ରାହ୍ମଣବେଡ଼ିଆ ଗ୍ରାମର ଶ୍ରବଣ ନାଏକ, ସରାଙ୍ଗ ଗ୍ରାମର ବିଶ୍ୱଜିତ ନାଏକ, ଅନୁଗୋଳ ଜିଲ୍ଲା ଖମାର ଥାନା ମଗରମୁହାଣ ଗ୍ରାମର ସନ୍ତୋଷ ଦାସ। ପଲିସ ଚୋରି ହୋଇଥିବା ହାଇୱା ସହ ଚୋରିରେ ବ୍ୟବହୃତ ଏକ ବାଇକ୍ ଓ ତିନିଟି ମୋବାଇଲ ଜବତ କରିଛି। ଏ ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ।



ସୂଚନା ଅନୁସାରେ ଗତ ୭ ତାରିଖ ଅନୁଗୋଳ ଜିଲ୍ଲା ଖମାରସ୍ଥିତ ଏକ କ୍ରସରରୁ ହାଇୱାରେ ଚିପ୍ସ ବୋଝେଇ ହୋଇ କାମାକ୍ଷାନଗର ଆସିଥିଲା। ହାଇୱାଟି ୫୩ ନମ୍ବର ଜାତୀୟ ରାଜପଥର କାମାକ୍ଷାନଗର ଥାନା ଅନ୍ତର୍ଗତ ବାଇପାସ ନିକଟରେ ଥିବାବେଳେ ଡକାୟତମାନେ ନିଜେ ଚିପ୍ସ ମଗାଇଥିବା କହି ହାଇୱାକୁ ମଠକରଗୋଳା ଗ୍ରାମକୁ ନେଇଯାଇଥିଲେ। ସେଠାରେ ଡକାୟତମାନେ ଚାଳକଙ୍କୁ ମାଡ଼ ମାରିବା ସହ ହାତଗୋଡ଼ ବାନ୍ଧି ନିକଟସ୍ଥ ଜଙ୍ଗଲରେ ଫିଙ୍ଗି ଦେଇ ହାଇୱା ନେଇଯାଇଥିଲେ। ଏ ନେଇ କ୍ରସର ମ୍ୟାନେଜର କାମାକ୍ଷାନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରି ହାଇୱାକୁ କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅଞ୍ଚଳରୁ ଜବତ କରିଥିବା ବେଳେ ଚୋରିରେ ସମ୍ପୃକ୍ତ ତିନି ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଡକାୟତଙ୍କ ନାଁରେ ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୁଲିସ କହିଛି। ସାମ୍ବାଦିକ ସମ୍ମିଳନୀରେ କାମାକ୍ଷାନଗର ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ଉପସ୍ଥିତ ଥିଲେ।

# ପ୍ରେମ ବ୍ୟାପାରକୁ ନେଇ ହତ୍ୟାକାଣ୍ଡ; ୨ ଗିରଫ

**କଙ୍କଡ଼ାହାଡ଼, ୧୩।୩(ସମିସ)**

କଙ୍କଡ଼ାହାଡ଼ ଥାନା କନ୍ଧରା ଉର୍ବେଙ୍ଗି ରାସ୍ତାରେ କନ୍ଧରା ଗ୍ରାମ ନିକଟ ଏକ କଲଭର୍ଟ ତଳୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପାରିପାର୍ଶ୍ୱିକ ପରିସ୍ଥିତିରୁ ତାଙ୍କୁ ହତ୍ୟାକରି ଫିଙ୍ଗି ଦିଆଯାଇଥିବା ଜଣାପଡ଼ିଥିଲା। ମୃତକ ହେଲେ କେରଯୋଳି ପଞ୍ଚାୟତ ରୋଡଙ୍ଗ ଗ୍ରାମ କେନ୍ଦୁମୁଣ୍ଡା ପଡ଼ାର ରାଜେଶ ବାରିକ (୨୨)। ସୋମବାର ରାତିରେ ରାଜେଶ ଏକ ବିବାହ କାର୍ଯ୍ୟକ୍ରମରେ କାଳବୁଢିଆ ଆସି ଫେରି ନ ଥିଲେ। ମଙ୍ଗଳବାର ସକାଳେ କଲଭର୍ଟ ତଳେ ମୃତଦେହ ପଡ଼ିଥିବା ନେଇ ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ତାଙ୍କ ମୁଣ୍ଡ ଓ ମୁହଁକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା। ଭାରପ୍ରାପ୍ତ ଥାନା ଅଧିକାରୀ ମିନକେତନ ପ୍ରଧାନ, ସାଇଣ୍ଟିଫିକ ଦଳ, ସନ୍ଧାନୀ କୁକୁର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ସ୍ୱତନ୍ତ୍ର ଦଳ ଗଠନ କରି ଦୁଇ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ମାଧମୁଣ୍ଡା ଗାଁର କାଳିଆ ଓରଫ ଗୋବିନ୍ଦ ଚରଣ ମହାନ୍ତ (୨୩) ଓ ବାଇଗଣପାଳ ଗାଁର ସଞ୍ଜୟ ମହାନ୍ତ (୨୩)। ପ୍ରେମ ବ୍ୟାପାରକୁ ନେଇ ହତ୍ୟାକାଣ୍ଡ ହୋଇଥିବା ଅଭିଯୁକ୍ତ ପୁଲିସ ନିକଟରେ ସ୍ୱୀକାର କରିଛନ୍ତି।



ପୁଲିସ ସୂଚନା ଅନୁଯାୟୀ, ମୃତ ରାଜେଶ ଓ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ଉଭୟ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଯୁବତୀ ଜଣକ କାମାକ୍ଷାନଗରସ୍ଥିତ ଏକ ସପିଙ୍ଗ ମହଲରେ କାର୍ଯ୍ୟ କରୁଥିବା ବେଳେ କାଳିଆ ଏକ ଫାଇନାନ୍ସ କମ୍ପାନୀରେ କାମ କରୁଥିଲେ। ସେ କାମାକ୍ଷାନଗରସ୍ଥିତ ଜିରିଡ଼ାମାଳିଠାରେ ଘର ଭଡ଼ା ନେଇ ରହୁଥିଲେ। ସେହିପରି ରାଜେଶ ତାଳଚେରସ୍ଥିତ ଏକ ସେଲୁନରେ କାମ କରୁଥିଲେ। ତେବେ ଗୋବିନ୍ଦ ରାଜେଶଙ୍କୁ ନିଜ ରାସ୍ତାରୁ ହଟାଇ ଦେବାକୁ ଯୋଜନା କରିଥିଲେ। ସୋମବାର ଗୋବିନ୍ଦ, ସଞ୍ଜୟ ଓ ରାଜେଶ ଏକ ବିବାହ କାର୍ଯ୍ୟକ୍ରମକୁ କାଳବୁଢିଆ ଆସିଥିଲେ। ଗୋବିନ୍ଦ ଓ ସଞ୍ଜୟ ଏକ ବାଇକ୍‌ରେ କଙ୍କଡ଼ାହାଡ଼ରେ ପହଞ୍ଚି ରାଜେଶଙ୍କୁ ଫୋନ କରି ପୂର୍ବ ଯୋଜନା ମୁତାବକ ବିବାହ କାର୍ଯ୍ୟକ୍ରମକୁ ଯିବା ପାଇଁ ଡାକିଥିଲେ। ଗୋଟିଏ ବାଇକରେ ତିନିଜଣଯାକ କାଳବୁଢିଆ ଗାଁରେ ପହଞ୍ଚିଥିଲେ। ସେଠାରୁ କିଛି ଦୂରରେ କନ୍ଧରା ଗ୍ରାମସ୍ଥିତ ଏକ କଲଭର୍ଟ ପାଖରେ ସମସ୍ତେ ମଦ୍ୟପାନ କରିଥିଲେ। ପୂର୍ବ ଯୋଜନା ମୁତାବକ ସଞ୍ଜୟ ସାଙ୍ଗରେ ନେଇଥିବା ଏକ କ୍ରିକେଟ ବ୍ୟାଟରେ ଗୋବିନ୍ଦ ରାଜେଶଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ମଙ୍ଗଳବାର କାମାକ୍ଷାନଗର ଏସଡିପିଓ ରଜନୀକାନ୍ତ ସାମଲ, କଙ୍କଡ଼ାହାଡ଼ ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ସ୍ଥାନରେ ଛାନଭିନ କରିଥିଲେ। ଗୁରୁବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସ ସଫଳ ହୋଇଛି। ସିନ ରିକ୍ରିଏସନ ପରେ ଶୁକ୍ରବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୁଲିସ ହତ୍ୟାକାଣ୍ଡରେ ବ୍ୟବହୃତ ବ୍ୟାଟ୍ ଜବତ କରିଛି।

● ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଅରୁଣିମାର ତୃତୀୟ ସଂସ୍କରଣ

# ୨୧୧ ମେଧାବୀ ଛାତ୍ରଛାତ୍ରୀଙ୍କୁ ଜ୍ୟୋତି ଫେଲୋସିପ

**ଢେଙ୍କାନାଳ/ବଅଁରପାଳ, ୧୩।୩(ସମିସ):** ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ମେରାମଣ୍ଡଳୀଠାରେ ମହିଳା ଉଦ୍ୟୋଗୀ, ଯୁବପିଢ଼ି ଏବଂ କିଶୋରମାନଙ୍କ ମଧ୍ୟରେ ନେତୃତ୍ୱ ଓ ବ୍ୟକ୍ତିତ୍ୱ ବିକାଶ ଲକ୍ଷ୍ୟରେ ଅରୁଣିମାର ତୃତୀୟ ସଂସ୍କରଣ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ବିଶେଷଜ୍ଞ, ବିଭିନ୍ନ ଗୋଷ୍ଠୀର ନେତୃବୃନ୍ଦ ଏବଂ ଉତ୍ସାହୀ ସହଭାଗୀମାନେ ଏକତ୍ରିତ ହୋଇ ସଶକ୍ତୀକରଣ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ନୂତନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ




## ଗୃହଲକ୍ଷ୍ମୀ ସମବାୟ ସମିତିର ୨୫୦ ମହିଳା ସଦସ୍ୟା ସାମିଲ

ଆୟୋଜିତ ବିଭିନ୍ନ ତଥ୍ୟଭିତ୍ତିକ ଅଧିବେଶନ, ଆଲୋଚନା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍ୟୋଗୀକରଣ, ସଶକ୍ତୀକରଣ ଏବଂ ସ୍ଥାୟୀ ସାମୁଦାୟିକ ବିକାଶ ମଧ୍ୟରେ ଥିବା ସମ୍ପର୍କକୁ ଗୁରୁତ୍ୱାରୋପ କରାଯାଇଥିଲା। ସମାରୋହରେ ଆଇଏଏସ୍ ଭଗତ ସାମଲ କଲ୍ୟାଣରାଓ, ଅନୁଗୁଳ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ସମବାୟ ସମିତି ସମୂହର ଡେପୁଟି ରେଜିଷ୍ଟ୍ରାର ଡିଆରସିଏସ ଉମାଶଙ୍କର ଦାସ, ଟାଟା ଷ୍ଟିଲ୍ ମିଲ୍ସ ଆଣ୍ଡ ଡାଉନଷ୍ଟ୍ରିମ୍ ଚିଫ କପିଲ ମୋଦୀ, ଟାଟା ଷ୍ଟିଲ ମେରାମଣ୍ଡଳୀର ଚିଫ ସିକ୍ୟୁରିଟି ପ୍ରକାଶ ସଞ୍ଜୟ ଓ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ସିଏଚଆରଓ ପ୍ରଶାନ୍ତ କୁମାର ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ମହିଳାମାନଙ୍କ ସାମାଜିକ ଓ ଅର୍ଥନୈତିକ ସଶକ୍ତିକରଣ କ୍ଷେତ୍ରରେ ସମବାୟ ଅନୁଷ୍ଠାନଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଗୃହଲକ୍ଷ୍ମୀ ସମବାୟ ସମିତିର ପ୍ରାୟ ୨୫୦ ଜଣ ମହିଳା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସମବାୟ ସମିତିର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା ଯେଉଁଠାରେ ସଭାପତି ଏବଂ ନିର୍ଦ୍ଦେଶକ ମଣ୍ଡଳୀ ସମିତିର ପ୍ରତିଷ୍ଠା ପରଠାରୁ ହାସଲ କରିଥିବା ଲକ୍ଷ୍ୟ ଓ ସଫଳତା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଗୋଷ୍ଠୀର ବିକାଶ ତଥା ମହିଳା ସଶକ୍ତୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୀମାରାଣୀ ପୃଷ୍ଟି, ସ୍ମିତା ବିଶ୍ୱାଳ, ରଶ୍ମିତା ସାହୁ ଏବଂ ସୁଭଦ୍ରା ନାୟକଙ୍କୁ ମହିଳା ଚେଞ୍ଜମେକର ଭାବେ ସମ୍ମାନିତ କରାଯାଇଥିଲା। ସେମାନେ ନିଜର ସଂଘର୍ଷ ଓ ସଫଳତାର ଅନୁଭୂତି ବାଣ୍ଟିଥିଲେ। ଶିକ୍ଷା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ସ୍ଥାନୀୟ ଅଞ୍ଚଳର ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ୨୧୧ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ଜ୍ୟୋତି ଫେଲୋସିପ ବୃତ୍ତି ପ୍ରଦାନ କରାଯାଇଥିଲା। ଏଥିସହ ସ୍ଥାନୀୟ ଅଞ୍ଚଳର ସଫଳ ଯୁବକଯୁବତୀ ଏବଂ କ୍ରୀଡାବିତମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବଗୋଷ୍ଠୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆଲୋଚନା ଚକ୍ରରେ ବିଭିନ୍ନ ସମୁଦାୟର ସଦସ୍ୟ, ସରକାରୀ ପ୍ରତିନିଧି ଏବଂ ବିଶେଷଜ୍ଞମାନେ ସାମିଲ ହୋଇଥିଲେ। ଟାଟା ଷ୍ଟିଲ୍ ଫାଉଣ୍ଡେସନ ଅରୁଣିମା ମାଧ୍ୟମରେ ମହିଳା ଉଦୋଗୀମାନଙ୍କୁ ସଶକ୍ତ କରିବା, ଯୁବ ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ ଗୋଷ୍ଠୀଭିତ୍ତିକ ବିକାଶକୁ ସମର୍ଥନ କରିବା ପାଇଁ ଏକ ଅନ୍ତର୍ଭୁକ୍ତିକରଣ ପ୍ଲାଟଫର୍ମ ପ୍ରସ୍ତୁତ କରିବା ଦିଗରେ ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି।

● ଢେଙ୍କାନାଳ ଓକିଲ ସଙ୍ଘ ନିର୍ବାଚନ

## ସଭାପତି ପଦ ପାଇଁ ୨ଜଣଙ୍କ ପ୍ରାର୍ଥିପତ୍ର କାଏମ

**ଢେଙ୍କାନାଳ, ୧୩।୩(ସମିସ):** ଜିଲ୍ଲା ଓକିଲ ସଙ୍ଘ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ସଭାପତି ପଦ ପାଇଁ ୨ ଜଣ, ଉପସଭାପତି ପାଇଁ ୩ ଜଣ ଏବଂ ସମ୍ପାଦକ ପାଇଁ ଦୁଇଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ସଭାପତି ପଦପାଇଁ ଗୋପାଳଚନ୍ଦ୍ର ପାତ୍ର ଓ ସଞ୍ଜୟ କୁମାର ମିଶ୍ର, ଉପସଭାପତି ପାଇଁ ଦେବକାନ୍ତ ମିଶ୍ର, ଦ୍ୱିତୀକୃଷ୍ଣ ବରାଳ ଓ ମମତାଞ୍ଜଳି ବେହେରା, ସମ୍ପାଦକ ପାଇଁ ପ୍ରଶାନ୍ତ କୁମାର ସାହୁ ଓ ଟଙ୍କଧର ବେହେରା, ଯୁଗ୍ମ ସମ୍ପାଦକ ପାଇଁ ଅଶୋକ କୁମାର ମଲ୍ଲିକ ଓ ତ୍ରିଲୋଚନ ସାହୁ, କୋଷାଧ୍ୟକ୍ଷ ପାଇଁ ରାଜେନ୍ଦ୍ର ନାରାୟଣ ରାଉତ ମଇଦାନରେ ରହିଛନ୍ତି। କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ କମଳା ସାହୁ, ମଳୟ କୁମାର ପାଣିଗ୍ରାହୀ, ପ୍ରେମାନନ୍ଦ ବିହାରୀ, ସାଇ କମଳୀ ପୃଷ୍ଟି, ସେକ ସାଗିର ମହମ୍ମଦ ମନୋନୀତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଭାବଗ୍ରାହୀ ପଣ୍ଡା, ସହକାରୀ ଭାବେ ଶୋଭନ କୁମାର ମିଶ୍ର, ଗୁପ୍ତେଶ୍ୱର ମିଶ୍ର, ମାଧୁରୀ ଦାସ ଓ ହରେକୃଷ୍ଣ ଦାଶ ପ୍ରମୁଖ ରହିଛନ୍ତି।

● ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ

## ନିମ୍ନମାନର କାର୍ଯ୍ୟ କରି ଲକ୍ଷାଧିକ ଟଙ୍କା ହଡ଼ପ ଉଦ୍ୟମ



**ହିନ୍ଦୋଳ, ୧୩।୩(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବିଧାନସଭା କ୍ଷେତ୍ରରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଲକ୍ଷାଧିକ ଟଙ୍କା ହଡ଼ପ କରିବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି। ହିନ୍ଦୋଳ ବ୍ଲକ କନ୍ତାମିଲା ପଞ୍ଚାୟତ ବିଲେଇଖଲି ଗ୍ରାମରେ ବିକଶିତ ଗ୍ରାମ ବିକଶିତ ଓଡ଼ିଶା ଯୋଜନାରେ ୬ଲକ୍ଷ ଟଙ୍କା ଏବଂ ବିଧାୟିକା ପାଣ୍ଠିରୁ ୨ଲକ୍ଷ ଟଙ୍କା ଅନୁଦାନ ରାଶିରେ ହେଉଥିବା ପକ୍କା ରାସ୍ତା ନିର୍ମାଣ ସମୟରେ କୌଣସି ଯନ୍ତ୍ରୀ ଉପସ୍ଥିତ ନ ଥିବାରୁ ଠିକାଦାର ନିମ୍ନମାନର କାର୍ଯ୍ୟ କରିବା ସହିତ ରାସ୍ତାର ମୋଟେଇ ମାତ୍ର ୨ଇଞ୍ଚ କରିଥିବା ଦେଖିବାକୁ ମିଳିଛି। ବୁହାଳିପାଳ ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମରେ ଜଙ୍ଗଲକୁ ଏକ କଂକ୍ରିଟ ରାସ୍ତା ନିର୍ମାଣକୁ ଗ୍ରାମବାସୀ ବିରୋଧ କରୁଛନ୍ତି। ଜନବସତି ଥିବା ସ୍ଥାନରେ ମାଟିରାସ୍ତା ଥିବା ବେଳେ ଜଙ୍ଗଲ ମଧ୍ୟକୁ କଂକ୍ରିଟ ରାସ୍ତା ନିର୍ମାଣକୁ କିଏ ଅନୁମତି ଦେଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୪ଲକ୍ଷ ଟଙ୍କା ଏବଂ ବିଧାୟିକା ହାତପାଣ୍ଠିରୁ ୪ଲକ୍ଷ ଟଙ୍କା ଅନୁଦାନରେ ନିମ୍ନମାନର କଂକ୍ରିଟ ରାସ୍ତା କରାଯାଇ ଲକ୍ଷଲକ୍ଷ ଟଙ୍କା ହଡ଼ପ କରିବାକୁ ଲକ୍ଷ୍ୟ ରଖି ଠିକାଦାର କାମ କରୁଥିବା ଅଭିଯୋଗ ହେଉଛି। ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରୁ ସାଧାରଣରେ ଦାବି ହେଉଛି।

● ପିଏମ କିଷାନ ଉତ୍ସବ

## ଜିଲ୍ଲାର ୧ ଲକ୍ଷ ୩ ହଜାର ୭୫୩ ଚାଷୀ ଉପକୃତ



**ଢେଙ୍କାନାଳ, ୧୩।୩(ସମିସ):** ପିଏମ୍ କିଷାନ ଉତ୍ସବ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମର ଗୁଆହାଟିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଦେଶର ୯ କୋଟି ୩୨ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ପିଏମ୍ କିଷାନ ସମ୍ମାନ ନିଧିର ୨୨ତମ କିସ୍ତି ହସ୍ତାନ୍ତର କରିଛନ୍ତି। ଏଥି ନିମନ୍ତେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ପୁରୁଣା ଜିଲ୍ଲା ପରିଷଦ ହଲରେ ଜିଲ୍ଲାସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଯୋଜନାରେ ଜିଲ୍ଲାର ୧ଲକ୍ଷ ୩ହଜାର ୭୫୩ ଚାଷୀ ଉପକୃତ ହୋଇଥିବା ପ୍ରକାଶ କରିଛନ୍ତି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱନାଥ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ୱାଟର ସେଡ୍ର ନିର୍ଦ୍ଦେଶକ ସନତ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୈନିକ ପ୍ରାକୃତିକ ଉତ୍ପାଦନ କେନ୍ଦ୍ରର ଶୁଭାରମ୍ଭ

**ଗଁଦିଆ, ୧୩।୩(ସମିସ):** ଢେଙ୍କାନାଳ ଜିଲ୍ଲା ସପ୍ତଶଯ୍ୟା ପଞ୍ଚାୟତ ସଶେଇବେରେଣୀ ଗ୍ରାମରେ ଏକ ଦୈନିକ ପ୍ରାକୃତିକ ଉତ୍ପାଦନ କେନ୍ଦ୍ର ଶୁଭାରମ୍ଭ ହୋଇଛି। ସପ୍ତଶଯ୍ୟା ଗ୍ରାମ ପଞ୍ଚାୟତ, ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି, ଓଏଲଏମ ଉଦ୍ୟାନ କୃଷି ଓ କୃଷି ବିଭାଗର ମିଳିତ ଉଦ୍ୟମରେ ଏହି ଦୈନିକ ପ୍ରାକୃତିକ ଉତ୍ପାଦ କେନ୍ଦ୍ର ଆରମ୍ଭ କରାଯାଇଛି। ଉଦ୍‌ଘାଟନୀ ସମାରୋହରେ ସ୍ଥାନୀୟ ନେତା ସୁଶୀଲ କୁମାର ରାଉତ, ସରପଞ୍ଚ ଅଭିମନ୍ୟୁ ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ



ଗାୟତ୍ରୀ ପାଣି, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ଏଫଇଏସର ଜିଲ୍ଲା ମୁଖ୍ୟ ପିଦାୱା ଶେର୍ପା, ପ୍ରତିଭା ମହାପାତ୍ର ଓ ସମସ୍ତ କର୍ମକର୍ତ୍ତା, ସପ୍ତଶଯ୍ୟା ମହିଳା ମହାସଂଘ ସଦସ୍ୟମାନଙ୍କ ସହ ଓଏଲଏମର ସିଆରପି ଓ ଏନଏମଏନଏଫର କୃଷି ସାଖୀମାନେ ଉପସ୍ଥିତ ଥିଲେ। ମହିଳା ଚାଷୀମାନଙ୍କ ଇଚ୍ଛାଶକ୍ତି, ମହାସଂଘ ଓ ଏଫଇଏସର ସହଯୋଗରେ ଆରମ୍ଭ ହୋଇଥିବା ଏହି କେନ୍ଦ୍ର ଆଗାମୀ ଦିନରେ ନିରନ୍ତର ଭାବେ ଚାଲି ଲୋକଙ୍କୁ ସୁସ୍ଥ ପରିବା ଯୋଗାଇବା ସହ ସୁସ୍ଥ ପରିବେଶ ସୃଷ୍ଟି କରିପାରିବ ବୋଲି ଅତିଥିମାନେ କହିଥିଲେ। ଏହି କେନ୍ଦ୍ରରେ ୧୦ ପ୍ରକାରର ପନିପରିବା ବିକ୍ରି ପାଇଁ ଆଣାଯାଇଥିଲା। ପ୍ରଥମ ଦିନରେ ପାଞ୍ଚ ଘଣ୍ଟା ଚାଲିଥିବା ଏହି କେନ୍ଦ୍ରରେ ମୋଟ ୧୮୦୦ ଟଙ୍କାର ବ୍ୟବସାୟ ହୋଇଥିଲା। ଆଗାମୀ ଦିନରେ ଅଧିକ ପ୍ରକାରର ପନିପରିବା ଆଣିବା ସହ କେନ୍ଦ୍ରକୁ ସୁଚାରୁରୂପେ ପରିଚାଳନା ପାଇଁ ମଧ୍ୟ ଆଲୋଚନା କରାଯାଇଛି।

## ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଉଦ୍‌ଘାଟିତ




**ଗଁଦିଆ, ୧୩।୩(ସମିସ):** ପିଙ୍ଗୁଆ ଡିଗ୍ରୀ କଲେଜରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଭଗବାନ ମିଶ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରି ଛାତ୍ରୀ ମାନେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେବା ପରେ ନିଜକୁ ସୁରକ୍ଷା ଦେବା ସହିତ ଅନ୍ୟକୁ ସୁରକ୍ଷା ଦେଇ ଏକ ସଶକ୍ତ ସମାଜ ଗଠନରେ ସାମିଲ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ସଞ୍ଚୋଜିକ ଦୀପ୍ତି ରଞ୍ଜନ ମହାଳିକ କହିଥିଲେ ଯେ ସମାଜରେ ପ୍ରତି ମୁହୂର୍ତ୍ତରେ ନାରୀ ମାନେ ଅପମାନିତ, ନିର୍ଯାତିତ ହେଉଛନ୍ତି। ନିଜର ସୁରକ୍ଷା ପାଇଁ ଆତ୍ମରକ୍ଷା କୌଶଳର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ରାମ ନାରାୟଣ ରାଉତ, ସାମ୍ମାନୀତ ଅତିଥି ଭାବେ ଭାରତୀୟ ସାମ୍ବାଦିକ ମହାସଂଘ ଓଡ଼ିଶା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ମାଷ୍ଟର ଟ୍ରେନର ତାପସ୍ୱନୀ ସେଠି +୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏହି ଶିବିର ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ୧୨ ଫୁଟ ଲମ୍ବର ଅହିରାଜ ଉଦ୍ଧାର

**ଢେଙ୍କାନାଳ, ୧୩।୩(ସମିସ):** ସଦର ଥାନା ବିରାଡ଼ିଆ ପୁଲିସ୍ ଫାଣ୍ଡି ପାଖରୁ ୧୨ ଫୁଟ୍ ଲମ୍ବର ଅହିରାଜ ସାପ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକେ ସାପ ଦେଖି ସାପଉଦ୍ଧାର କାରୀ ଦଳକୁ ଖବର ଦେଇଥିଲେ। ଉଦ୍ଧାରକାରୀ ଦଳର ସଦସ୍ୟ ସୌମ୍ୟଜିତ୍ ରଥ, ସୂର୍ଯ୍ୟକାନ୍ତ ବେହେରା ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଭାବେ ସାପକୁ ଉଦ୍ଧାର କରି ବନ ବିଭାଗ ଅନୁମତିରେ କପିଳାସ ଅଭୟାରଣ୍ୟରେ ଛାଡ଼ିଦେଇଛନ୍ତି।



# ରୋଷେଇ ଗ୍ୟାସ୍ ଦରବୃଦ୍ଧି ଓ ଅଭାବୀ ବିକ୍ରି ବିରୋଧରେ କଂଗ୍ରେସର ବିକ୍ଷୋଭ

**ଢେଙ୍କାନାଳ, ୧୩।୩(ସମିସ)**

ରୋଷେଇ ଗ୍ୟାସର ଅହେତୁକ ଦରବୃଦ୍ଧି ଓ ଅଭାବ ବିରୋଧରେ ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଫେବୃଆରୀ ୨୮ ତାରିଖ ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଆରମ୍ଭ ଦିନଠାରୁ ଆଜକୁ ୧୪ ଦିନ ହେଲା ଗ୍ୟାସ ଆମଦାନୀ ସମ୍ପୂର୍ଣ୍ଣ ବନ୍ଦ ରହିଛି। କିଛିଦିନ ତଳେ ମୋଦୀ ସରକାର ଘରୋଇ ଗ୍ୟାସ ସିଲିଣ୍ଡର ମୂଲ୍ୟ ୬୦ ଟଙ୍କା ଓ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ମୂଲ୍ୟ ୧୧୫ ବୃଦ୍ଧି କରିଥିଲେ। ପରେ ବ୍ୟବସାୟିକ ସିଲିଣ୍ଡର ଯୋଗାଣକୁ ସମ୍ପୂର୍ଣ୍ଣ ବନ୍ଦ ରଖିଛନ୍ତି। ଫଳରେ ହୋଟେଲ, ରେଷ୍ଟୁରାଣ୍ଟ, ରାସ୍ତା କଡ଼ କ୍ଷୁଦ୍ର ବ୍ୟବସାୟୀ ଦୈନନ୍ଦିନ କାରବାର ବନ୍ଦ କରି ଦେଇଛନ୍ତି। ଏପରିକି ଘରୋଇ ଗ୍ୟାସ୍ ବୁକିଂ କଲେ ମିଳୁନାହିଁ ଅବା ବୁକିଙ୍ଗ କରିହେଉନାହିଁ। ଏହି ସବୁ ପରିସ୍ଥିତି କେନ୍ଦ୍ର ମୋଦୀ ସରକାରଙ୍କ ବିଦେଶନୀତିରେ ଅପରିଣାମଦର୍ଶିତା, କୁଟନୈତିକ ବିଫଳତା ସମ୍ପୂର୍ଣ୍ଣ ଦାୟିବୋଲି କଂଗ୍ରେସ ନେତାମାନେ ସମାଲୋଚନା କରିଥିଲେ। ଘରୋଇ ଖାଉଟି ଓ ହୋଟେଲ ରେଷ୍ଟୁରାଣ୍ଟକୁ ଯଥେଷ୍ଟ ଗ୍ୟାସ୍ ଯୋଗାଇଦେବା, କଳାବଜାରୀ ରୋକିବା, ସାର ଯୋଗାଣରେ ଯେପରି ସଙ୍କଟ ସୃଷ୍ଟି ନ ହୁଏ ସେଥି ନିମନ୍ତେ ସରକାର ବନ୍ଦୋବସ୍ତ କରିବା ଆବଶ୍ୟକ ବୋଲି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମସ୍ୟାକୁ ନେଇ କଂଗ୍ରେସ ତରଫରୁ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଛି। ବିକ୍ଷୋଭ ସମାବେଶରେ ଡ. ତୁଷାରକାନ୍ତି ନାୟକ, ବିନୟ କୁମାର ସାହୁ, ସରୋଜ ଶତପଥୀ, ପ୍ରେମଶଙ୍କର ମିଶ୍ର, ବିପ୍ରବର ସାହୁ, ରୁଦ୍ରପ୍ରକାଶ ଶରଣ, ନିଶାକର ସାହୁ, ଅଜିତାନନ୍ଦ ବିହାରୀ, ସ୍ମିତାରାଣୀ ସାମଲ, ନଗର ସଭାପତି ବିକାଶ ସ୍ୱାଇଁ, ବନମାଳୀ ଦାସ, ପ୍ରିୟବ୍ରତ ଗଡ଼ନାୟକ, ନୁରୁଲ ଇସଲାମ, ଅବିନାଶ ପଣ୍ଡା, କାମାକ୍ଷା ବିହାରୀ, ରୁମେନା ବେଗମ ପ୍ରମୁଖ ସାମିଲ ହୋଇଥିଲେ।




## ବନାଗ୍ନି ନିରାକରଣ ସଚେତନତା ପାଇଁ ଦାବିପତ୍ର

**କାମାକ୍ଷାନଗର, ୧୩।୩(ସମିସ):** ଜଙ୍ଗଲନିଆଁ ରୋକିବା ନିମନ୍ତେ ସଚେତନତା ପାଇଁ ଢେଙ୍କାନାଳ ଜିଲ୍ଲା ମାରୁତି ସେନା ପକ୍ଷରୁ ଶୁକ୍ରବାର କାମାକ୍ଷାନଗର ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରୀଷ୍ମଋତୁ ଆରମ୍ଭରୁ ଜଙ୍ଗଲଗୁଡ଼ିକରେ ନିଆଁ ଲାଗି ଯେଭଳି ମୂଲ୍ୟବାନ ବୃକ୍ଷ, ଔଷଧୀୟ ଗଛ ଓ ଅନେକ ଜଙ୍ଗଲୀ ଜନ୍ତୁ ବିପଦରେ ପଡୁଛନ୍ତି ସେଥିରେ ରୋକ୍ ଲଗାଇବାକୁ ଦାବି କରାଯାଇଛି। ମାରୁତି ସେନା ଢେଙ୍କାନାଳ ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ସମସ୍ତ ସଦସ୍ୟ ଉପଜିଲ୍ଲାପାଳ ଦୀନମଣି ନାଏକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଜଙ୍ଗଲରେ ନିଆଁ ଲଗାଉଥିବା ଦୁର୍ବୃତ୍ତଙ୍କୁ ଧରି କଠୋର ଦଣ୍ଡ ବିଧାନ କରାଯିବାକୁ ଦାବି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର କାମାକ୍ଷାନଗର ବ୍ଲକ ସଭାପତି ଜିତେନ୍ଦ୍ର ସାହୁ, ରଶ୍ମିରଞ୍ଜନ ନାୟକ, ଜନ୍ମେଜୟ ସାହୁ, ସାହିଲ ସାହୁ, ଆଶୁତୋଷ ନାୟକ, ଅମିଷା ପ୍ରିୟଦର୍ଶିନୀ, ପୂର୍ଣ୍ଣଚନ୍ଦ୍ର ଦେହୁରୀ, ଅଶ୍ୱିନୀ ନାଥ ପ୍ରମୁଖ ଉପସ୍ଥିତ ଥିଲେ।



